ଧରିତ୍ରୀ
DHARITRI
June 26-July 2, 2022 ₹ 2/-

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

## ଅନନ୍ୟ ଲୀଳା

ମହାପ୍ରଭୁ ଶ୍ରୀଜଗନ୍ନାଥ। କାଳିଆ ସାଆନ୍ତ ସେ ବ୍ରହ୍ମାଣ୍ଡ ଠାକୁର। ଲୀଳାମୟ ନୀଳାଦ୍ରିନାଥ। ଅତି ଆପଣାର ସେ ଦାରୁଦେବତା। ସେ ଦିଅଁ ଯେପରି ଅନନ୍ୟ, ତାଙ୍କ ଲୀଳା ବି ସେପରି ଅନନ୍ୟ...

# ଶଙ୍ଖର ବାସ୍ତୁ ମହତ୍ତ୍ୱ

* ବାସ୍ତୁଶାସ୍ତ୍ର ଅନୁସାରେ ଶଙ୍ଖକୁ ପୂଜାସ୍ଥଳୀରେ ରଖିଲେ କିମ୍ବା ଏହାକୁ ନିୟମିତ ବଜାଇଲେ ଶତ୍ରୁ ନାଶ ହେବା ସହିତ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ।
* ଘରର କୌଣସି ଦିଗରେ ଯଦି କିଛି ବାସ୍ତୁଦୋଷ ରହିଥାଏ, ତା'ହେଲେ ସେହି ସ୍ଥାନରେ ଶଙ୍ଖଟିଏ ରଖିଲେ ବାସ୍ତୁଦୋଷ ଦୂର ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ।
* ଯେହେତୁ ମାତା ଲକ୍ଷ୍ମୀ ହେଉଛନ୍ତି ସମୁଦ୍ରରାଜାଙ୍କର କନ୍ୟା, ତେଣୁ ଶଙ୍ଖର ମାହାତ୍ମ୍ୟ ସହିତ ମହାଲକ୍ଷ୍ମୀଙ୍କର ମଧ୍ୟ କିଛିଟା ସାମଞ୍ଜସ୍ୟ ରହିଛି। ତେଣୁ କୁହାଯାଏ, ଯେଉଁଠାରେ ଶଙ୍ଖ ରହିଥାଏ ସେଠାରେ ମାତା ଲକ୍ଷ୍ମୀଙ୍କର ମଧ୍ୟ ବାସ ହୋଇଥାଏ।
* ଶଙ୍ଖ ମଧ୍ୟରେ ଜଳ ଭର୍ତ୍ତି କରି ତାହାକୁ ଘରର ଐଶାନ୍ୟ କୋଣରେ ରଖିଲେ ପରିବାର



ଲୋକଙ୍କ ମଧ୍ୟରେ ସମ୍ପର୍କ ଦୃଢୀଭୂତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
* କୁହାଯାଏ ଶଙ୍ଖରେ ରଖାଯାଇଥିବା ଜଳକୁ ପିଲାମାନଙ୍କୁ ପିଇବାକୁ ଦେଲେ ସେମାନଙ୍କର ସ୍ମରଣଶକ୍ତି ବୃଦ୍ଧି ପାଇଥାଏ।
* ଘରେ ନିୟମିତ ଶଙ୍ଖ ବଜାଇଲେ ଏବଂ ଏହାକୁ ପୂଜା କଲେ ସକାରାତ୍ମକ ଊର୍ଜା ବୃଦ୍ଧି ପାଇଥାଏ।
* ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଶଙ୍ଖର ଅନେକ ମହତ୍ତ୍ୱ ରହିଛି। ମାନ୍ୟତା ଅଛି କି, ଶଙ୍ଖ ଧ୍ୱନି ବାତାବରଣକୁ ଶୁଦ୍ଧ କରିଥାଏ। ଏହାର ଧ୍ୱନି ଯେତେ ଦୂର ପର୍ଯ୍ୟନ୍ତ ଶୁଭିଥାଏ ସେତେ ଦୂର ପର୍ଯ୍ୟନ୍ତ ଅଦୃଶ୍ୟ ଭାବେ ରହିଥିବା ସମସ୍ତ ଜୀବାଣୁ ଆପେ ନଷ୍ଟ ହୋଇଯାଇଥାଏ।
* ସେହିପରି କୁହାଯାଏ ଯେ, ଘରେ ଶଙ୍ଖ ବଜାଇଲେ ପିତୃପୁରୁଷ ଶାନ୍ତି ପାଇବା ସହ ଆତ୍ମଶୁଦ୍ଧି ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୬- ଜୁଲାଇ ୨

**ମେଷ**: ଶାରୀରିକ ସୁସ୍ଥତା, ବକେୟା ଅର୍ଥପ୍ରାପ୍ତି, ସାମାଜିକ ସମ୍ମାନ, କର୍ମକ୍ଷେତ୍ରରେ ଉନ୍ନତି, ଶତ୍ରୁତାର ଅବସାନ, ଆକସ୍ମିକ ଦୂରଯାତ୍ରା, ପ୍ରକାଶନରେ ବିଳମ୍ବ, ସମ୍ପର୍କ ଦୃଢ ହେବ, ସମାଲୋଚିତ ହେବେ, ପରିବହନରେ ବିବାଦ।

**ବୃଷ**: କର୍ମକ୍ଷେତ୍ରରେ ବିବାଦ, ଫାଇଲ୍ କାମ ବୃଦ୍ଧି, ସଭାସମିତିକୁ ଆହ୍ୱାନ, ସଫଳତାରେ ଆନନ୍ଦ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୂତନ ବନ୍ଧୁତ୍ୱ, ପାରିବାରିକ ଶାନ୍ତି, ଶୁଭଖବର ପାଇବେ।

**ମିଥୁନ**: କର୍ମହାନୀରୁ ଦୁଃଶ୍ଚିନ୍ତା, ଭୁଲ୍ ବୁଝାମଣାରୁ କଳହ, ଋଣଗ୍ରସ୍ତ ହେବେ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ରୋଗପୀଡା କମିବ, ଯାତ୍ରାସ୍ଥଗିତ ହୋଇପାରେ, ବାଣିଜ୍ୟ ବାଧାପ୍ରାପ୍ତ ହେବ, ବୈବାହିକ ସମସ୍ୟା, ବନ୍ଧୁଙ୍କ ଆଶ୍ୱାସନା, ସନ୍ତାନ ହେତୁକ ଗୌରବ।

**କର୍କଟ**: ନୂତନ ଯୋଜନାରମ୍ଭ, ବନ୍ଧୁବର୍ଗଙ୍କ ପ୍ରଶଂସା, ବ୍ୟାଙ୍କ ଲୋନ୍ ପାଇବେ, ମନୋରଞ୍ଜନରେ ସାମିଲ୍, ସମ୍ପର୍କ ବିଗିଡି ପାରେ, ଉଚ୍ଚବର୍ଗଙ୍କ ସମାଲୋଚନା, ରଚନାତ୍ମକ କାମରେ ପ୍ରଶଂସା, ପ୍ରିୟବନ୍ଧୁଙ୍କ ସାନ୍ନିଧ, ଇଚ୍ଛା ବିରୁଦ୍ଧ କାର୍ଯ୍ୟ।

**ସିଂହ**: ଅବହେଳାରୁ କର୍ମହାନୀ, ସହକର୍ମୀଙ୍କ ସହ ତିକ୍ତତା, ପ୍ରତୀକ୍ଷିତ ଖବରପ୍ରାପ୍ତି, ବ୍ୟବସାୟ ସଙ୍କୁଚିତ ହେବ, ଅତିଥି ଚର୍ଚ୍ଚାରୁ ଆନନ୍ଦ, କଳା ସାହିତ୍ୟରେ ଉନ୍ନତି। ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ସମ୍ପର୍କରେ ଅଶାନ୍ତି, ଭ୍ରମଣହେତୁକ କ୍ଳାନ୍ତି, ପରୋକ୍ଷ ଶତ୍ରୁତା।

**କନ୍ୟା**: ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ବନ୍ଧୁ ଭୁଲ୍ ବୁଝିବେ, ଆୟ ତୁଳନାରେ ବ୍ୟୟବୃଦ୍ଧି, ମାମୁଲି ଘଟଣାରେ ଉଚ୍ଚବାଚ୍ଚ, ନୂଆ ବ୍ୟବସାୟ ଯୋଡିବେ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ମହାଜନୀ ଚାପ ବଢିବ, ଯାନ୍ତ୍ରିକ ତ୍ରୁଟି।

**ତୁଳା**: କାର୍ଯ୍ୟ ସିଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, ଖଳ ହାବୁଡରେ ପଡିବେ, ଯାତ୍ରା ପାଇଁ ପ୍ରସ୍ତୁତି, ବନ୍ଧୁମିଳନରୁ ଆନନ୍ଦ, ଖୁସିର ଆସର ଜମିବ, ସହକର୍ମୀଙ୍କ ଅନୁରକ୍ତି, ସ୍ଥଗିତ କର୍ମାରମ୍ଭ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, କର୍ମକ୍ଷେତ୍ରରେ ପଦୋନ୍ନତି।

**ବିଛା**: ନୂତନ କାମର ପରିକଳ୍ପନା, ଆତ୍ମୀୟଙ୍କ ପରାମର୍ଶ, ସହଯୋଗ ପାଇବେ, କର୍ମକ୍ଷେତ୍ରରେ ଟଣାଓଟରା, ବାଣିଜ୍ୟରୁ ଲାଭ, ଆର୍ଥିକ ଉନ୍ନତି, ସ୍ତ୍ରୀଙ୍କ ପ୍ରେରଣା, ଖୁସିଗପର ମଉକା, ଲୋକ ସମ୍ପର୍କ ବଢ଼ିବ।

**ଧନୁ**: ମାନସିକ ଅଶାନ୍ତି, ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ବନ୍ଧୁଙ୍କ ବିଶ୍ୱାସ ଘାତକତା, ଧାର କରଜ କରିବେ, ନିର୍ମାଣର ଶେଷ ପର୍ଯ୍ୟାୟ, ନିଜ ଲୋକଙ୍କୁ ସନ୍ଦେହ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପାରିବାରିକ ଅଶାନ୍ତି, ଭୁଲ ଖବରରୁ ଦ୍ୱନ୍ଦ୍ୱ, ପ୍ରଶଂସା ବଦଳରେ ଅଭିଯୋଗ।

**ମକର**: ଅପ୍ରିୟସତ୍ୟରୁ ବିବାଦ, ଠକାମିରେ ପଡିପାରନ୍ତି, ସେବା ମନୋଭାବରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା। ଦୂରଯାତ୍ରାର ମସୁଧା, ମାଙ୍ଗଳିକ କାମର ପ୍ରସ୍ତୁତି, ଘର ମରାମତି, ପ୍ରଶାସନିକ ସଫଳତା, ରାଜନୈତିକ ବିବାଦ।

**କୁମ୍ଭ**: ପର କଥାରେ ପ୍ରଭାବିତ, ପରିବାରର ବିରୋଧ, ବିବାଦଗ୍ରସ୍ତ ହୋଇପାରନ୍ତି, ଧନହାନୀରୁ ଦୁଃଶ୍ଚିନ୍ତା, ହୋଟେଲ ଶିଳ୍ପରେ ଉନ୍ନତି, ଜମିଜମା କାରବାର ବୃଦ୍ଧି, ଭ୍ରାତୃବର୍ଗରେ ଅଶାନ୍ତି, ସନ୍ତାନଙ୍କ ବିଶୃଙ୍ଖଳା, କ୍ରନିକ୍ ରୋଗରେ ପୀଡା, ଧର୍ମକାର୍ଯ୍ୟରେ ବିଘ୍ନ।

**ମୀନ**: ଏକାଧିକ କାମରେ ପ୍ରବେଶ, ବ୍ୟସ୍ତତା ବଢିବ, ଯାତ୍ରାରେ ସଫଳତା। ଆମୋଦ ପ୍ରମୋଦର ମଉକା, ଆନୁଷ୍ଠାନିକ ତତ୍ପରତା, ପଦମର୍ଯ୍ୟାଦା ବୃଦ୍ଧି, ସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାରୁ ଚିନ୍ତା, କାର୍ଯ୍ୟବିଳମ୍ବରୁ ଅନୁତାପ, ନୂଆ ସମ୍ପର୍କ ଯୋଡିବେ, ଯାତ୍ରା ସଫଳ ହେବ।

# ତୁଳସୀ ଗଛର ମାହାତ୍ମ୍ୟ

ତୁଳସୀ ଏକ ପବିତ୍ର ଗଛ। ହିନ୍ଦୁ ଧର୍ମରେ ଏହାର ମାହାତ୍ମ୍ୟ ବେଶ୍ ଉଚ୍ଚରେ ରହିଛି। ସେଥିପାଇଁ ପ୍ରତ୍ୟେକ ହିନ୍ଦୁଙ୍କ ଘରେ ତୁଳସୀ ଚଉଁରାଟିଏ ଦେଖିବାକୁ ମିଳିଥାଏ। କୁହାଯାଏ, ହଠାତ୍ ତୁଳସୀ ଗଛ ଶୁଖିଗଲେ କିମ୍ବା ଝାଉଁଳିଗଲେ, ଏହାର ଏକ କାରଣ ଅଶୁଦ୍ଧତା ମଧ୍ୟ ହୋଇଥାଏ। ତେଣୁ ପ୍ରତିଦିନ ତୁଳସୀ ଗଛ ଥିବା ସ୍ଥାନକୁ ପରିଷ୍କାର କରିବା ଦରକାର। ଆଜି ବି କିଛି ସ୍ଥାନରେ ମହିଳାମାନେ ପ୍ରତ୍ୟହ ତୁଳସୀ ଚଉଁରା ପାଖ ସ୍ଥାନକୁ ଗୋବର ଓ ମାଟିରେ ଲିପାପୋଛା କରି ପରିଷ୍କାର ରଖୁଥିବା ଦେଖିବାକୁ ମିଳେ। କୁହାଯାଏ, ଗୋବର ପାଣିରେ ଲିପାପୋଛା କଲେ ସ୍ଥାନ ପବିତ୍ର ହୋଇଯାଏ। ତୁଳସୀ ଗଛ ଲାଗିଥିବା କୁଣ୍ଡଆରେ ଅନ୍ୟ କୌଣସି ଗଛ ଲଗାଇବା ଉଚିତ ନୁହେଁ। କାରଣ ଏହାଦ୍ୱାରା ତୁଳସୀ ଗଛ ବଢିବାରେ ବାଧା ସୃଷ୍ଟି ହେବା ସହିତ ଐଶ୍ୱର୍ଯ୍ୟ ହାନି ହୋଇଥାଏ। ଜଳ ସହିତ କ୍ଷୀର ମିଶାଇ ତୁଳସୀ ଚଉଁରାରେ ଦେଲେ ତୁଳସୀ ଗଛ ଭଲ ବଢିବା ସହ ସବୁଜ ଶ୍ୟାମଳା ହୋଇଥାଏ। ତୁଳସୀ ଚଉଁରା ନିକଟରେ କେବେବି ଲିଭି



ଯାଇଥିବା ଦୀପ ରଖିବେ ନାହିଁ, କାରଣ ଏହା ନକାରାତ୍ମକ ଊର୍ଜା ଉତ୍ପନ୍ନ କରିଥାଏ। କେଶକୁ ବାନ୍ଧି ଓ ମଥାରେ ସିନ୍ଦୂର ଲଗାଇ ଚଉଁରାରେ ଜଳ ଦେବା ଶୁଭ। ଖୋଲା କେଶରେ କିମ୍ବା ଓଦା କେଶରେ ଜଳ ପ୍ରଦାନ କଲେ ହୁଏତ କେଶ ଛିଡିକି କିମ୍ବା କେଶରୁ ବୋହୁଥିବା ଜଳ ଚଉଁରା ଉପରେ ପଡିଯାଇପାରେ ; ଯାହା କି ଆଦୌ ଶୁଭ ନୁହେଁ।

# ପାଠକୀୟ

* ସେ କବିର ମାନସପଟରେ ହେଉ ଅବା ଚିତ୍ରକରଙ୍କ କାନ୍‌ଭାସ୍, ସବୁଠି ନାରୀର ସୌନ୍ଦର୍ଯ୍ୟ ଓ ରୂପଲାବଣ୍ୟର କଥା ହିଁ ସ୍ଥାନ ପାଇଛି। ତା'ସହ ତା'ର ସଜେଇ ହେବାର କଳା ବି। ଯୁଗ ପରେ ଯୁଗ ବିତି ଚାଲିଛି, ହେଲେ ନାରୀର ସଜେଇ ହେବାର ସେଇ ଗୁଣ କିନ୍ତୁ ଜନ୍ମଜାତ ହୋଇ ରହିଯାଇଛି। ତେଣୁ ସଜବାଜକୁ ଆଧାର କରି ଛୁଟିଦିନରେ ପ୍ରକାଶିତ ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। 'ବାସ୍ତୁ ଅନୁସାରେ ହାତୀର ମୂର୍ତ୍ତି' ଏବଂ 'ଉପକାରୀ ପାନୀୟ' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

*–ସାଗର ଦାସ, ୱାଟର ୱାର୍କ୍ସ ରୋଡ୍, ପୁରୀ*

* ସଜେଇ ହେବା ନାରୀ ସ୍ୱଭାବ। ସେମିତି ସ୍ୱଭାବତଃ ସେ ଆଭୂଷଣ ପ୍ରିୟ। ପଦାଙ୍ଗୁଳିଠାରୁ ଆରମ୍ଭ କରି କେଶର ଶେଷଶିଖା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆଭୂଷଣ ପରିଧାନ କରି ସେ ସଜେଇ ହୁଏ। ତେଣିକି ସେ ବନବାସିନୀ ହୁଅନ୍ତୁ ବା ରାଜାରାଣୀ। ବନବାସିନୀ ଶକୁନ୍ତଳା କେବଳ ସୁଗନ୍ଧିତ, ସୁନ୍ଦର ପତ୍ର, ପୁଷ୍ପରେ ସଜେଇ ହେବାବେଳେ ଶ୍ରୀକୃଷ୍ଣଙ୍କ ପାଇଁ ରାଧାରାଣୀ ପାଦରେ ପୟର, ମଥାରେ ମଥାମଣି ଓ ଷୋଳ ଶୃଙ୍ଗାର କରୁଥିବା ବର୍ଣ୍ଣିତ। ଯୁଗ ପରେ ଯୁଗ ବିତି ଚାଲିଛି, ଆଉ ସବୁ ସମୟରେ ନାରୀର ସଜେଇ ହେବା ଗୁଣ କିନ୍ତୁ ଜନ୍ମଜାତ ହୋଇ ରହିଛି। ତେଣୁ ଏଭଳି ଏକ ତଥ୍ୟ ସମ୍ବଳିତ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସଜବାଜ'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବୟିତ୍ରୀ, ଗାଳ୍ପିକା, ଔପନାସିକା ସୁବିଦ୍ୟା ଦେବୀଙ୍କ ଜୀବନି ପଢି ଖୁସି ଲାଗିଲା।

*–ବୀରପ୍ରସାଦ ସ୍ୱାଇଁ, ଖଲ୍ଲିକୋଟ, ଗଞ୍ଜାମ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ସମ୍ପର୍କ' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ରକୁଲ୍ ପ୍ରୀତ୍ ସିଂଙ୍କ ଫଟୋଟି ଅତି ସୁନ୍ଦର ହୋଇଥିଲା। ବିଶିଷ୍ଟ କଥାକାର କୃପାସାଗର ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଅତି ମର୍ମସ୍ପର୍ଶୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ପୁରୁଣା ଜିନ୍ସର ନୂଆ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସିଦ୍ଧିଶ୍ରୀ ବେଶ୍ ସୁନ୍ଦରୀ ଲାଗୁଥିଲେ।

*–ମିନାକ୍ଷୀ ଚୌଧୁରୀ, ସମ୍ବଲପୁର*

* ସହର ପୃଷ୍ଠାରୁ 'ଖରାର ସାଥୀ ଅର୍କି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠା ବି ବେଶ୍ ମନଛୁଆଁ ହୋଇଥିଲା। ସେହିପରି ବ୍ୟଙ୍ଗ ପୃଷ୍ଠାରୁ 'ଯେତେ ଦେଖୁଥିଲେ ନୂଆ ଦିଶୁ ଥାଇ' ନାମକ ପାଠଟି ପଢିଲି, ବେଶ୍ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ଥିଲା ଏହାର ଉପସ୍ଥାପନାର ଶୈଳୀ।

*–ଶ୍ରୀୟାଶ୍ରୀ ପଣ୍ଡା, ଜଗତ୍‌ସିଂହପୁର*

## ବିଶେଷ ଚିଠି



ପ୍ରଚ୍ଛଦରେ ତୁମ 'ସଜବାଜ'
ଜଣାଇଦେଲା ରଜର ମଉଜ।
ଷୋହଳ ପୃଷ୍ଠା ଲାଗୁଥିଲା ଭାରୀ ସୁନ୍ଦର
ସିନେମା ବି ଥିଲା ବେଶ୍ ଚମତ୍କାର।
ତୁମ ବିବିଧା, ବ୍ୟାକ୍‌ପେଜ୍‌ର ଜବାବ ନାହିଁ
ତୁମକୁ ଯେତେ ଦେଖିଲେ ବି
ମନ ଭରେ ନାହିଁ କି ପୂରେନାହିଁ।
ସେଥିପାଇଁ ଛୁଟିଦିନ ତୁମକୁ ମୁଁ ଭଲପାଏ
ପ୍ରତି ରବିବାରେ ତୁମକୁ ଅପେକ୍ଷା କରିଥାଏ।

*–ଅକ୍ଷୟ ପାତ୍ର, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଅନନ୍ୟ ଲୀଳା

ମହାପ୍ରଭୁଙ୍କ ଅନନ୍ୟ ଲୀଳା ମଧ୍ୟରୁ ଅନ୍ୟତମ ଶ୍ରୀମନ୍ଦିରରେ ପ୍ରଚଳିତ ପଟି ଦିଅଁ ପରମ୍ପରା। ପ୍ରକୃତପକ୍ଷେ ଆଜି ବିଶ୍ୱକୁ ବିମୋହିତ କରୁଥିବା ପଟ୍ଟଚିତ୍ରର ଏହା ହିଁ ଆଧାର। ଶ୍ରୀମନ୍ଦିରର ମାହାରୀ ପରମ୍ପରାରୁ ଗୋଟିପୁଅ ନୃତ୍ୟ, ଗୋଟିପୁଅ ନୃତ୍ୟରୁ ବିକଶିତ ହୋଇ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ଓଡିଶୀ ନୃତ୍ୟ। ଠିକ୍ ସେହିପରି ଚିତ୍ରଶିଳ୍ପୀ ପ୍ରାକୃତିକ ରଙ୍ଗରେ ଉପାସନା ପାଇଁ ଯେଉଁ ପଟିଦିଅଁ ଆଙ୍କି ଦେଇଥିଲା, ତାହା କାଳକ୍ରମେ ପଟ୍ଟଚିତ୍ରରେ ପରିଣତ ହୋଇ ବିସ୍ମୟ ସୃଷ୍ଟି କରିଛି। ତେବେ ଯେଉଁ ପଟିଦିଅଁ ଚିତ୍ରରୁ ପଟ୍ଟଚିତ୍ରରେ ଆମେ ପହଞ୍ଚିଛେ, ସେହି ଚିତ୍ରରେ ଥିବା ରହସ୍ୟ ବିଷୟରେ ଜାଣିବା ଲାଗି ଏଠାରେ ପ୍ରୟାସ କରାଯାଇଛି।

ଶ୍ରୀଜଗନ୍ନାଥ ଉପାସନା ଧାରାରେ ପ୍ରତ୍ୟେକ ନୀତି, ଯାନିଯାତ୍ରା, ବେଶ ଓ ଉତ୍ସବ ତଥା ମହୋତ୍ସବ ସାମାଜିକ ଦୃଷ୍ଟିରୁ ରହସ୍ୟମୟ। ଏହି ରହସ୍ୟଗୁଡିକ ମାନବୀୟ ମୂଲ୍ୟବୋଧର ପ୍ରତୀକ। ମଣିଷର ବ୍ୟକ୍ତିଗତ କଲ୍ୟାଣରେ ଏହା କେବଳ ସୀମିତ ନୁହେଁ, ଜଗତକଲ୍ୟାଣ ଭାବନା ଏହାର ମୂଳଭିତ୍ତି। ଉପାସନାର ଆଭିମୁଖ୍ୟରେ ରହିଥିବା ଜଗତକଲ୍ୟାଣ ଚିନ୍ତାଧାରା ସକାଶେ ମହାପ୍ରଭୁଙ୍କର ପ୍ରତ୍ୟେକ ନୀତି-କାନ୍ତି, ପୂଜା-ପାର୍ବଣ ଓ ମହୋତ୍ସବ ସାମାଜିକ ଅଙ୍ଗୀକାର ଲାଭ କରିଛି। ସମାଜର ସବୁ ବର୍ଗର ସାଧାରଣ ଲୋକଟିଏ ଏଥିରେ ଜଡିତ ହୋଇଯିବାର ଏହା ହେଉଛି ମୁଖ୍ୟ କାରଣ।

**ଜଗତନାଥ ହିଁ ଜଗତପିତା:** ଦାରୁଦିଅଁଙ୍କ ଉପାସନାଧାରା ଶାନ୍ତିର ଧାରା। ସେଥିପାଇଁ ପାଞ୍ଚରାତ୍ରଧାରାରେ ଶ୍ରୀଜଗନ୍ନାଥଙ୍କୁ ପରମାତ୍ମା, ଶ୍ରୀବଳଭଦ୍ରଙ୍କୁ ଜୀବ, ଦେବୀ ସୁଭଦ୍ରାଙ୍କୁ ମନ ଓ ଶ୍ରୀସୁଦର୍ଶନଙ୍କୁ ଅହଙ୍କାରର ପ୍ରତୀକ ରୂପେ ଗ୍ରହଣ କରାଯାଇ ଉପାସନା କରାଯାଏ। ଜୀବ ଯେତେବେଳେ ପରମାତ୍ମା ସଂଯୁକ୍ତ ହୋଇ ଅହଙ୍କାରରୁ ମୁକ୍ତ ହୋଇଯାଏ, ସେତେବେଳେ ତା' ମନରେ ଏକ ଶାନ୍ତିର ଭାବ ତାକୁ ପରମ ସୁଖ ଦିଏ। ମହାପ୍ରଭୁଙ୍କୁ ପ୍ରଥମେ ଅଲୱାରମାନେ ଶ୍ରୀବାସୁଦେବ-ବିଷ୍ଣୁରୂପେ ଗ୍ରହଣ କରିଥିଲେ। ରାମାନୁଜାଚାର୍ଯ୍ୟ ଶ୍ରୀବାସୁଦେବଙ୍କ ସହିତ ଶ୍ରୀନାରାୟଣଙ୍କର ସମୀକରଣ କରିବା ପରେ ସେ 'ନାରାୟଣ ସର୍ବମିତି' ବୋଲି ଉପାସିତ ହେଲେ। ପୂର୍ବରୁ

**ମହାପ୍ରଭୁ ଶ୍ରୀଜଗନ୍ନାଥ। କାଳିଆ ସାଆନ୍ତ ସେ ବ୍ରହ୍ମାଣ୍ଡ ଠାକୁର। ଲୀଳାମୟ ନୀଳାଦ୍ରିନାଥ। ଅତି ଆପଣାର ସେ ଦାରୁଦେବତା। ସେ ଦିଅଁ ଯେପରି ଅନନ୍ୟ, ତାଙ୍କ ଲୀଳା ବି ସେପରି ଅନନ୍ୟ। ବର୍ଷସାରା ରତ୍ନସିଂହାସନରେ ଆଉ ଅଣସର ସମୟରେ ଜଗମୋହନରେ ପଟିଦିଅଁ ଭାବେ ପୂଜା ପାଆନ୍ତି ମହାବାହୁ। ରୂପ ବଦଳେ ଆଉ ନାମ ବଦଳେ, ହେଲେ ବଦଳେନି ଭକ୍ତର ଭାବ। ତେଣୁ ସେ ଭାବ ବିନୋଦିଆ କାଳିଆ ଠାକୁର...**

ସେ 'ବାସୁଦେବ ସର୍ବମିତି' ବିଶ୍ୱାସ ଓ ଆସ୍ଥାରେ ଉପାସିତ ହେଉଥିଲେ। ଶ୍ରୀଜଗନ୍ନାଥ ଉପାସନାରେ ପରମବ୍ରହ୍ମ ଚେତନା 'ଦାରୁବ୍ରହ୍ମ'ରେ ରୂପାନ୍ତରିତ ହେଲା ପରି ଜଗତପିତା ଚେତନା 'ଜଗତନାଥ' ଚେତନାର ରୂପାନ୍ତରିତ ହୋଇଅଛି।

**ଶାନ୍ତିର ସଙ୍କେତ:** ବ୍ରହ୍ମାଣ୍ଡ ଠାକୁର ଶ୍ରୀଜଗନ୍ନାଥଙ୍କ ପଟିଦିଅଁ ପରମ୍ପରାରେ ଥିବା ରହସ୍ୟ ତଥା ମୂଲ୍ୟବୋଧ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି - 'ମହାପ୍ରଭୁଙ୍କ ଉପାସନା ଏକ ସମୀକରଣ ଉପାସନା। ସମୀକରଣ ଚେତନାରେ ସେ ଗଣଦେବତା ଭାବେ ଭାରତବର୍ଷରେ ଗୃହୀତ ହୋଇଛନ୍ତି। ସମୀକରଣ ଉପାସନାର ଗୋଟିଏ ଦିଗରୁ ପ୍ରତିଭୂ ହେଉଛନ୍ତି ନାରାୟଣ। ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଦେବତା ଭାବେ ନାରାୟଣ ସ୍ୱୀକୃତ। ତାଙ୍କର ଧାତୁମୂର୍ତ୍ତି ମନ୍ଦିରର ଦକ୍ଷିଣୀ ଘରେ ବର୍ଷ ସାରା ଉପାସିତ ହୁଅନ୍ତି। ମହାପ୍ରଭୁଙ୍କ ଆଜ୍ଞାରେ ସେ ଜଗତମଙ୍ଗଳ ଲୀଳା କରନ୍ତି, କିନ୍ତୁ ଅଣସର ସମୟରେ ମହାପ୍ରଭୁଙ୍କ ସ୍ଥାନରେ ଧାତୁବିଗ୍ରହ ପୂଜିତ ନ ହୋଇ ଶ୍ରୀନାରାୟଣ ପଟିଚିତ୍ରରେ ଶୋଭା ପାଆନ୍ତି। ମହାପ୍ରଭୁ ନିଜେ ଅନନ୍ତ; ଯାହାଙ୍କର ଆଦି ଅନ୍ତ ନାହିଁ ବୋଲି ଶାସ୍ତ୍ରରେ କୁହାଯାଇଛି। ତେଣୁ ଅଣସରରେ ମହାପ୍ରଭୁଙ୍କ ସ୍ଥାନରେ ନାରାୟଣ ପୂଜା ହୁଅନ୍ତି ' ଶ୍ରୀଅନନ୍ତ ନାରାୟଣ' ରୂପରେ। ସେ ହୁଅନ୍ତି ଚାରିବାହୁଯୁକ୍ତ। ଭକ୍ତବତ୍ସଳ ଭାବନାରେ ସେ ବକ୍ଷରେ ଧାରଣ କରନ୍ତି ଶ୍ରୀବତ୍ସବ ପାଦଚିହ୍ନ। ବାମ ପାର୍ଶ୍ୱରେ ଦଣ୍ଡାୟମାନ ହୁଅନ୍ତି ସାତ ଋଷି। ଚାଳି ସଦୃଶ ତାଙ୍କ ମନ୍ଦିର ଉପରେ ରହନ୍ତି ଚାରିଟି ପାରା। ଏଇମାନେ ହେଉଛନ୍ତି ଶାନ୍ତିର ସଙ୍କେତ, ଶାନ୍ତିର ସଙ୍ଗମନୀ, ଶାନ୍ତିର ସୂର୍ଯ୍ୟୋଦୟ ଓ ଶାନ୍ତିର ସମ୍ଭାବନା।

**ମୈତ୍ରୀର ମୂଲ୍ୟବୋଧ:** ପଟିଦିଅଁ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀଅନନ୍ତ ନାରାୟଣ ରହିବା ଭଳି ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଉପାସିତ ହୁଅନ୍ତି ଶ୍ରୀଅନନ୍ତ ବାସୁଦେବ। ଅଲୱାର ଧାରାର 'ବାସୁଦେବ ସର୍ବମିତି' ଏ ଜଗତରେ ସବୁ କିଛି ବାସୁଦେବମୟ ବିଚାରଧାରା ବଳଭଦ୍ରଙ୍କ ସହିତ ସମୀକରଣ ହୁଏ ଅଣସର ଉପାସନା ସମୟରେ। ଏ ଜଗତ ହେଉଛି ଶ୍ରୀବାସୁଦେବମୟ। ଏହି ଚେତନା →



ବିଶିଷ୍ଟାଦ୍ୱୈତ ଧାରାରେ ରାମାନୁଜାଚାର୍ଯ୍ୟଙ୍କ ସମୟରେ 'ନାରାୟଣ ସର୍ବମିତି'ରେ ପରିଣତ ହେବା ପରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ ଅନନ୍ତ ଚେତନାଯୁକ୍ତ ହୋଇ ଉପାସିତ ହେଉଥିବାବେଳେ ଶ୍ରୀବଳଭଦ୍ର ଅନନ୍ତ ଚେତନାଯୁକ୍ତ ହୋଇ 'ଶ୍ରୀଅନନ୍ତ ବାସୁଦେବ' ରୂପେ ଉପାସିତ ହୁଅନ୍ତି। ଏଠାରେ ଦୁଇଟି ଧାରାର ମିଳନ ହୋଇଛି। ଗୋଟିଏ ବୈଷ୍ଣବ, ଅନ୍ୟଟି ଶୈବ। ଶିବ ଉପାସନାରେ ଅନନ୍ତ ଚେତନା ଅଙ୍ଗୀକୃତ। ଶିବ ବି ଅନନ୍ତ। ବୈଷ୍ଣବମାନେ ଏକରୁ ଚାରି ଓ ଚାରିରୁ ଏକ ବିଚାରଧାରାରେ ଶ୍ରୀବଳଭଦ୍ରଙ୍କୁ ଅନନ୍ତ ବାସୁଦେବ ଭାବେ ଗ୍ରହଣ କରିବାରେ କୌଣସି ଅସୁବିଧା ହେଲା ନାହିଁ। ମସ୍ତକରେ ତାଙ୍କର ସପ୍ତଫଣାଯୁକ୍ତ ବାସୁକୀ ଶୋଭା ପାଇବା ଓ ଦକ୍ଷିଣ ପାର୍ଶ୍ୱରେ ଯୋଡ଼ହସ୍ତରେ ଠିଆ ହୋଇଥିବା ଶିବ ଶୋଭା ପାଇବା ପରେ ଶିବ ଉପାସକମାନେ ହରିହର ଉପାସନାର ଏ ଚମତ୍କାର ଚାତୁରିରେ ବିମୋହିତ ହେବା ସ୍ୱାଭାବିକ। ହଜାରେ ବର୍ଷ ତଳେ ହର ଓ ହରି ଉପାସକମାନଙ୍କ ମଧ୍ୟରେ ଯେଉଁ ଉଦାସୀନତାର ଅମାରାତି ଘୋଟି ଆସିଥିଲା, ଉତ୍ତପ୍ତ ଓ ଉତ୍ତରଳ ଦରବାରୀ ରୀତିରେ ଉପାସନା ଧାରାରେ ଯେଉଁ ନଗ୍ନ ନିର୍ଜନ ନମୁନା ମୁଣ୍ଡ ଟେକିଥିଲା, ଶ୍ରୀକ୍ଷେତ୍ର ମୈତ୍ରୀର ମୂଲ୍ୟବୋଧରେ ତାହା ମଧୁବସନ୍ତର ମହାବିଷ୍ଣୁବରେ ପରିଣତ ହୋଇଯାଇଥିଲା। ଓଡ଼ିଆ ଶିଳ୍ପୀ ତା' ତୂଳୀ ମୁନରେ ପାରମ୍ପରିକ ଚିତ୍ର ଆଙ୍କିଦେଲାନି ଯେ, ଭାରତରେ ଏକ ସହାବସ୍ଥାନର ବାର୍ତ୍ତା ଦେଇଦେଲା, ଦ୍ୱନ୍ଦ୍ୱର ଯେଉଁ ଦୁନ୍ଦୁଭି ଦକ୍ଷିଣରୁ ପୂର୍ବ ଭାରତ ଦେଇ ହିମାଳୟ କୋଳ ପର୍ଯ୍ୟନ୍ତ ବାଜି ଉଠିଥିଲା, ତାହାକୁ ଶାନ୍ତ କରିଦେଲା ପଟିଦିଅଁର ଶିଳ୍ପୀ। ଯାହାକୁ ଆଜି ଐତିହ୍ୟ ପଟ୍ଟଚିତ୍ରର ଓଁକାର ବୋଲି ଆମେ କହୁଥାଉ। ଦାର୍ଶନିକ ସମୀକରଣ ହୋଇଗଲା ଯେବେ ତାଙ୍କ ମନ୍ଦିର (ବାଳି) ଉପରେ ଷଡରିପୁର ସଙ୍କେତ ଛ'ଟି ପାରା ଓ ଦୁଇଟି ଓଲଟପାରା ଜୀବ/ପରମ ରୂପରେ ଶୋଭା ପାଇଲେ। ଷଡରିପୁର ବିନାଶ ନ ହେଲେ ଜୀବ ଓ ପରମର ମିଳନ ଅସମ୍ଭବ। ଛଅଟି ଶତ୍ରୁକୁ ନେଇ ବିଚାରବିମର୍ଶ ହେବା ପରେ ଶାଣିତ ହୋଇଗଲା ଦାର୍ଶନିକ ଇତିହାସ। ଚାଳଛପର ଘରର ଚିହ୍ନା ମଣିଷଟି ପାଇଁ ଚଟୁଳ ଭାଷାର ସାରସ୍ୱତ ସମ୍ବୋଧନ ଆଉ ଦରକାର ହେଲାନି। ମାହାପୁରୁଙ୍କ ପୂଜା କାଇଦାରେ ତା' ଅଜାଣତରେ ଶାନ୍ତିର ଅଜଣା ରାଇଜରେ ସେ ପ୍ରବେଶ କରିଗଲା।



### ଜଗତମଙ୍ଗଳ କାମନା

ଚିତ୍ରପଟିରେ ସୁଭଦ୍ରାଙ୍କ ସ୍ଥାନରେ ପୂର୍ଣ୍ଣାବୟବ ରୂପେ ଉପାସିତ ହୁଅନ୍ତି ଭୁବନର ଈଶ୍ୱରୀ। ଭୁବନର କର୍ତ୍ତା ଭୁବନମୟ 'ଅନନ୍ତ ନାରାୟଣ' ରୂପରେ ଉପାସିତ ହେବା ପରେ ଭୁବନର ଧର୍ତ୍ତା ଅର୍ଥାତ୍ ଭୁବନକୁ ଧାରଣ କରିଥିବା ଅନନ୍ତ 'ବାସୁଦେବ' ରୂପରେ ଉପାସିତ ହୁଅନ୍ତି। ଭୁବନର କର୍ତ୍ତା, ଭୁବନର ଧର୍ତ୍ତା ଓ ଭୁବନର ଈଶ୍ୱରୀ ଭାବେ ତିନି ବିଗ୍ରହ ଅଣସରରେ ଯେ ଉପାସିତ ହୁଅନ୍ତି ତା' ନୁହେଁ, ଏଥିରେ ଶ୍ରୀ ଚତୁର୍ଦ୍ଧାବିଗ୍ରହ ଅଛନ୍ତି। ମାତ୍ର ଦଶାବତାର ପଟିଦିଅଁ ଭାବେ ପ୍ରସିଦ୍ଧ ଏହି ପଟିଦିଅଁଙ୍କ ଭିତରେ ଗଣତି ହୁଅନ୍ତି ନାହିଁ। ସେ ରହନ୍ତି ଭୁବନର ଈଶ୍ୱରୀଙ୍କ ମନ୍ଦିର ଚାଳିର ଶୀର୍ଷରେ। ସେଇଠି ରହିବେ ସୁଦର୍ଶନ। ଇଚ୍ଛା ନ ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ମହାପ୍ରଭୁଙ୍କ ଉପାସନାରେ ମା' ସୁଭଦ୍ରା ହେଉଛନ୍ତି ଇଚ୍ଛାମୟୀ, ସେ ଭୁବନର ଈଶ୍ୱରୀ ରୂପେ ଇଚ୍ଛା ନ କଲେ କାର୍ଯ୍ୟଶକ୍ତି କାର୍ଯ୍ୟ କରିପାରିବେ ନାହିଁ। କାର୍ଯ୍ୟ ଶକ୍ତି ହେଉଛନ୍ତି ଶ୍ରୀଚକ୍ରରାଜ ସୁଦର୍ଶନ। କାର୍ଯ୍ୟ ସଫଳ ତଥା ଯାତ୍ରା ସଫଳ ପାଇଁ ରଥଯାତରେ ଆଗେ ଆଗେ ବିଜେ କରନ୍ତି। ଅବସ୍ଥାନ କରନ୍ତି ଦର୍ପଦଳନ ରଥରେ। ପୁଣି ମା'

→

## ଏମାନେ ଯାହା କୁହନ୍ତି...

### ଠାକୁରଙ୍କ ଧ୍ୟାନରେ ରହି କାର୍ଯ୍ୟ କରୁ

*–ଦେବଦତ୍ତ ମହାରଣା, ଚିତ୍ରକାର ସେବକ(ଜଗନ୍ନାଥଙ୍କ ପଟିଦିଅଁ ପ୍ରସ୍ତୁତକାରୀ)*



ମୋ ଜେଜେ ରାମଚନ୍ଦ୍ର ମହାରଣା, ବାବା ନାରାୟଣ ମହାରଣାଙ୍କଠାରୁ ଏହି ପଟିଦିଅଁ ପ୍ରସ୍ତୁତି କାର୍ଯ୍ୟ ଶିଖିଛି। ମୋର ବୟସ ସେତେବେଳେ ୯ ବର୍ଷ। ସେଥର ଦିଅଁଙ୍କ ସ୍ନାନଯାତ୍ରା ସରିବା ପରେ ଦିନେ ବାବା ମୋତେ ସାଙ୍ଗରେ ନେଇ ରଥଖଳାକୁ ଗଲେ। ସେଠାରେ ମାହାପୁରୁଙ୍କୁ ମୁଣ୍ଡିଆ ମାରିଲି। ଆଉ ତା'ପରେ ଆରମ୍ଭ ହେଲା ଚିତ୍ରକାର ସେବା କାର୍ଯ୍ୟ ଶିକ୍ଷା। ପ୍ରକୃତ ପକ୍ଷେ ଆମ ସେବାର ଶିକ୍ଷାରମ୍ଭ ହୁଏ ରଥରେ। ଦୋଳ ପୂର୍ଣ୍ଣିମାରୁ ମାଘ ପୂର୍ଣ୍ଣିମା ଯାଏ ଥାଏ ପାଳି। ରଥର ବିଭିନ୍ନ ଚିତ୍ର ସହ ପଟିଦିଅଁ ପ୍ରସ୍ତୁତି କାର୍ଯ୍ୟ କରୁ। ଆମ ପରିବାରର ଦାୟିତ୍ୱ ରହିଛି ଜଗନ୍ନାଥଙ୍କ ପଟିଦିଅଁ ପ୍ରସ୍ତୁତି। ଏହି ସମୟରେ ଠାକୁରଙ୍କୁ ସବୁବେଳେ ସ୍ମରଣ କରୁ ଯେପରି କାର୍ଯ୍ୟଟି ସୁଷ୍ଠୁ ଭାବେ ସମ୍ପାଦିତ ହେଉ। ଆଉ ଏ ସମୟରେ ହବିଷ୍ୟ ଗ୍ରହଣ ସହ ଖାଲି ପାଦରେ ଯାତାୟାତ କରୁ। ମୋଟାମୋଟି ଠାକୁରଙ୍କ ଧ୍ୟାନରେ ରହି କାର୍ଯ୍ୟ କରିବାକୁ ହୁଏ। ଥରେ ପୁରୀ ଭିଆଇପି ରୋଡ୍‌ରେ ପଟିଦିଅଁଙ୍କୁ ନେଇ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ସେହି ପଟିଦିଅଁ ଏତେ ଜୀବନ୍ତ ଲାଗିଥିଲେ ଯେ, ଯାହା ଏବେ ବି ମୋ ପାଇଁ ଅଭୁଲା ହୋଇ ରହିଛି।

### ମହାପ୍ରଭୁ ତାଙ୍କ କାର୍ଯ୍ୟ ଆମ ଦ୍ୱାରା କରାଇ ନିଅନ୍ତି

*–ରବିଶଙ୍କର ମହାରଣା, ଚିତ୍ରକାର ସେବକ*



ଆମ ପରିବାରର ସେବା ରହିଛି ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପଟିଦିଅଁ ପ୍ରସ୍ତୁତି। ୬ବର୍ଷ ହେଲା ଏହି କାର୍ଯ୍ୟ କରି ଆସୁଛି। ଏହା ମୋ ବାବା ବିଶିଷ୍ଟ ଚିତ୍ରକାର ସେବକ ତଥା ଶତାଧିକ ଓଡ଼ିଆ ଚଳଚ୍ଚିତ୍ରର କଳା ନିର୍ଦ୍ଦେଶକ ବୁଦ୍ଧା ମହାରଣାଙ୍କଠାରୁ ଶିଖିଛି। ସାବିତ୍ରୀ ଅମାବାସ୍ୟା ପରଠାରୁ ଆରମ୍ଭ ହୁଏ ପଟିଦିଅଁ ପ୍ରସ୍ତୁତି କାର୍ଯ୍ୟ। ଆଉ ଏହା ସ୍ନାନ ପୂର୍ଣ୍ଣିମା ପୂର୍ବ ଦିନ ଶେଷ ହୋଇଥାଏ। ଶ୍ରୀଜୀଉମାନେ ଅଣସରରେ ରହିବା ପରେ ଜଗମୋହନରେ ପଟିଦିଅଁ ପୂଜା ଆରମ୍ଭ ହୁଏ। ଏସବୁ କାର୍ଯ୍ୟ ସମର୍ପଣ ଭାବ ନେଇ କରିବାକୁ ପଡ଼େ। ମହାପ୍ରଭୁ ତାଙ୍କ କାର୍ଯ୍ୟ ଆମ ଦ୍ୱାରା କରାଇ ନିଅନ୍ତି। ତେବେ ଥରେ ବାବାଙ୍କର ପଟିଦିଅଁ ନେଇ ମନ୍ଦିରକୁ ଆସିବାର ଥାଏ। ସେଦିନ ନିଆଁ ଉପରେ ତାଙ୍କ ପାଦ ପଡ଼ିଯିବାରୁ ବଡ଼ ବଡ଼ ଫୋଟକା ହୋଇଯାଇଥିଲା। ମନ୍ଦିର କିପରି ଆସିବେ ଆଉ କାର୍ଯ୍ୟ କିପରି ହେବ ସେଥିନେଇ ସେ ଦ୍ୱନ୍ଦ୍ୱରେ ପଡ଼ିଗଲେ। ମନେ ମନେ ଠାକୁରଙ୍କୁ ସ୍ମରଣ କରୁଥାନ୍ତି। ଶେଷରେ ଖାଲି ପାଦରେ ମନ୍ଦିରକୁ ଆସିଲେ ଆଉ ସବୁ କାର୍ଯ୍ୟ ବି କଲେ। କିନ୍ତୁ ସେଦିନ ତାଙ୍କୁ କୌଣସି ଯନ୍ତ୍ରଣା ଜଣାପଡ଼ି ନ ଥିଲା। ବାବା କହିଥିବା ଏହି କଥା ମନେ ପଡ଼ିଲେ ଦେହ ଶିହରି ଉଠେ।

### ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ସେବା ସୁଯୋଗ ମିଳେ

*ରଞ୍ଜିତ୍ ମହାନ୍ତି( ଲେଙ୍କା ସେବକ)*




ଶ୍ରୀମନ୍ଦିରର ବିଭିନ୍ନ ସେବା ମଧ୍ୟରେ ଲେଙ୍କା ସେବା ଅନ୍ୟତମ। ମନ୍ଦିରରେ ଦୈନିକ ରୋଷ ହୋମ ଲାଗି ଆବଶ୍ୟକ ସମସ୍ତ ସାମଗ୍ରୀ ଆମ ଲେଙ୍କା ସେବକମାନେ ଯୋଗାନ୍ତି। ଏଥି ସହିତ ହୋମର ସମସ୍ତ ବ୍ୟବସ୍ଥା କରନ୍ତି। ଏହାପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଲାଗି ପୁଷ୍ପ, ନୈବେଦ୍ୟ ଇତ୍ୟାଦି ସମସ୍ତ ସାମଗ୍ରୀ ଯୋଗାଇଥାନ୍ତି। ସବୁଦିନ ଶ୍ରୀମନ୍ଦିରରେ ଧ୍ୱଜା ବନ୍ଧା ହେବା ବେଳେ ମନ୍ଦିର ଅଫିସରୁ ବାନା ଆମକୁ ହସ୍ତାନ୍ତର କରାଯାଇଥାଏ। ଆମେ ଏହାକୁ ଚୁନରା ସେବକଙ୍କୁ ଦେଇଥାଉ। ଏହାପରେ ଧ୍ୱଜା ବନ୍ଧା ହୋଇଥାଏ। ସ୍ନାନ ପୂର୍ଣ୍ଣିମା ଦିନ ସକାଳୁ ଗୋପାଳ ତୀର୍ଥ ମଠ ଓ ରାଘବଦାସ ମଠରୁ ଆମେ ହାତୀ ବେଶ ସ୍ନାନ ମଣ୍ଡପକୁ ବିଜେ କରାଇଥାଉ। ସ୍ନାନ ପୂର୍ଣ୍ଣିମା ଦିନ ରାତ୍ର ବାହୁଡ଼ା ପହଣ୍ଡି ପରେ ଆମ ଲେଙ୍କା ସେବକଙ୍କ ନେତୃତ୍ୱରେ କାହାଳିଆ, ବଜୟନ୍ତୀ, ଘଣ୍ଟୁଆ ଓ ଓଲାର ସେବକ ଏକତ୍ରିତ ହୁଅନ୍ତି। ଏହାପରେ ସମସ୍ତେ ପଟିଦିଅଁ ପ୍ରସ୍ତୁତ କରୁଥିବା ସେବକଙ୍କ ପାଖକୁ ଯାଆନ୍ତି। ଆମ ଲେଙ୍କା ସେବକ ସାଙ୍ଗରେ ନେଇ ଥିବା ପତ୍ନୀ(ସୂତାଶାଢ଼ି) ସେମାନଙ୍କୁ ପ୍ରଦାନ କରନ୍ତି। ସେଠାରେ ଓଲାର ସେବକ ପନ୍ତି ଭୋଗ କରିବା ପରେ ବିଜେ କାହାଳି ଦେବାକୁ ଲେଙ୍କା ସେବକ ନିର୍ଦ୍ଦେଶ ଦିଅନ୍ତି। ବିଜେ କାହାଳି ବାଜିବା ପରେ ସମସ୍ତ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏସବୁ କାର୍ଯ୍ୟ ବାବା(ଈଶ୍ୱର ଚନ୍ଦ୍ର ମହାନ୍ତି)ଙ୍କଠାରୁ ଶିଖିଛି। ୨୦୦୦ ମସିହାରୁ ଏହି ସେବା କାର୍ଯ୍ୟ ନିଜେ ସମାହିତ କରିଆସୁଛି। ସତ କଥା, ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ଭାଗ୍ୟରେ ଥିଲେ ହିଁ ମିଳେ।









ଭୁବନେଶ୍ୱରୀଙ୍କ ପାଖରେ । ମଙ୍ଗଳ ବିଧାୟକ ଯାତ୍ରାରେ ଭକ୍ତର ମଙ୍ଗଳ କାମନା ପାଇଁ ଏସବୁ ଲୀଳା । ତାଳଧ୍ୱଜ ରଥ ଗଡିବା ପରେ ଦର୍ପଦଳନ ରଥ ଯାଏ । ଭକ୍ତର ଦର୍ପ ଅହଙ୍କାର ଦଳନ ନ ହେଲା ପର୍ଯ୍ୟନ୍ତ ସେ ସମର୍ପିତ ହୋଇପାରେ ନାହିଁ । ସମର୍ପିତ ନ ହେଲେ ଗହଳ ଲଗେଇ ଆସୁଥିବା ନନ୍ଦିଘୋଷ ରଥର ଭୁବନକର୍ତ୍ତାଙ୍କ ଦର୍ଶନ ସମ୍ଭବ ନୁହେଁ । ଦଶ ମହାବିଦ୍ୟାର ମଙ୍ଗଳମୟୀ ହେଉଛନ୍ତି ଦେବୀ ଭୁବନଶ୍ୱେରୀ । ସେ ଭକ୍ତର ତଥା ଜଗତର ମଙ୍ଗଳ ପାଇଁ ଯେଉଁ କାର୍ଯ୍ୟ କରିବେ ସେଥି ନିମନ୍ତେ କାର୍ଯ୍ୟ ଶକ୍ତିଙ୍କର ଆବଶ୍ୟକ । କାର୍ଯ୍ୟଶକ୍ତି ଶ୍ରୀସୁଦର୍ଶନ ସେଥିଲାଗି ସବୁବେଳେ ଇଚ୍ଛାଶକ୍ତିଙ୍କ ପାଖରେ ଥାଆନ୍ତି। ପଟିରେ ସେଥିପାଇଁ ଜଗତମଙ୍ଗଳ କାମନାରେ ଦେବୀ ସୁଭଦ୍ରା ବିଜେ କରନ୍ତି ମା’ ଭୁବନେଶ୍ୱରୀ ରୂପରେ । କିନ୍ତୁ ହାତରେ ତାଙ୍କର ଆୟୁଧ ନ ଥାଏ । ଦୁଇ ହାତରେ ଥାଏ ଦୁଇଟି ପଦ୍ମ। ଅନ୍ୟ ଦୁଇ ହାତରେ ଥାଏ ବର ଅଭୟ ମୁଦ୍ରା। ପଦ୍ମ ଚେତନାର ପ୍ରତୀକ ଏବଂ ବର ଅଭୟ ଶାନ୍ତିର ପ୍ରତୀକ।

**ପ୍ରଣମ୍ୟ ବାର୍ତ୍ତା:** ଲୋକ ମୁଖରେ ଶୁଣାଯାଏ ଶ୍ରୀମନ୍ଦିରରେ ପଟିଦିଅଁ ପରମ୍ପରାରେ ଦଶାବତାର ଉପାସିତ ହୁଅନ୍ତି। ପ୍ରକୃତରେ ତ୍ରି ବିଗ୍ରହ ପଟିଦିଅଁ ଭାବରେ ରହିଥିବାବେଳେ ଶ୍ରୀଦେବୀ, ଭୂଦେବୀ, ଶ୍ରୀନୃସିଂହ, ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଦୋଳଗୋବିନ୍ଦ ଓ ଶ୍ରୀମଦନମୋହନ ଧାତୁ ବିଗ୍ରହରେ ସ୍ଥାନ ପାଆନ୍ତି। ପଟିଦିଅଁ ପୂଜାରେ ଏମାନେ ଅବତାର ନୁହନ୍ତି, ମହାପ୍ରଭୁଙ୍କ ପ୍ରତିନିଧି। ଜଗତମଙ୍ଗଳ ପାଇଁ ବର୍ଷସାରା ଆଜ୍ଞାମାଳ ନେଇ କାର୍ଯ୍ୟ ନିର୍ବାହ କରୁଥିବା ବେଳେ ଅଣସର ସମୟରେ ପଟିଦିଅଁ ପୂଜାରେ ଯୋଗଦେଇ ଏମାନେ ଜଗତମଙ୍ଗଳ କାମନା କରନ୍ତି।

**ମର୍ଯ୍ୟାଦାରୁ ମହାନତା:** ପଟି ଦିଅଁ ଆମ ଉପାସନାର ଅଙ୍ଗ। ‘ପଟି’ ଶବ୍ଦ ଶାସ୍ତ୍ରରେ ‘ପଟ୍ଟ’ ବୋଲି ଠାରି ଦିଆଯାଇଛି। ‘ଯତୋ ଦାରୁତନୁର୍ଦ୍ଦେବଃ ପଟ୍ଟେ ନିବିଶତେ ସ୍ୱୟଂ’ ଦାରୁରୂପୀ ଦିଅଁ ପଟ୍ଟ ରୂପରେ ନିଜକୁ ନିଜେ ଯେହେତୁ ବିଜେ କରୁଛନ୍ତି, ତେଣୁ(ପଟ୍ଟସ୍ୟ ପୂଜାୟାଂ କୋପି ତତ୍ର ନ ସଂବିଶେତ୍) ପଟିଦିଅଁ ସ୍ଥାନ ପାଇଥିବା ପଟ୍ଟ ପୂଜାରେ କେହି ପ୍ରବେଶ କରିବେ ନାହିଁ। ତିଆରିବେଳେ ଶିଳ୍ପୀ ବାରଣ କଲା ସେ ଘରକୁ ମହିଳା ଯିବେ ନାହିଁ। ପୂଜାବେଳେ ଶାସ୍ତ୍ର ମନା କରୁଛନ୍ତି ପୂଜା ସ୍ଥାନକୁ ଯିବ ନାହିଁ। ସେଥିପାଇଁ ପଟିଦିଅଁ ପୂଜାବେଳେ ସେ ସ୍ଥାନ ଅନ୍ଧାରୁଆ ରଖାଯାଏ। ଆଲୋକିତ କରାଯାଏ ନାହିଁ। ଝାମ୍ପା ଦର୍ଶନ ପୁଣି ଦୂରରୁ ? କେବଳ ମର୍ଯ୍ୟାଦା ଆଉ ନିଷ୍ଠା ହିଁ କଳାର ଉତ୍କର୍ଷକୁ ସର୍ବୋଚ୍ଚ ସ୍ଥାନ ଦିଏ।

**କାଠରେ ପଟ୍ଟଚିତ୍ର ବିକାଶ ପରମ୍ପରା:** ଶ୍ରୀମନ୍ଦିର ଉପାସନାରେ ପଟିଦିଅଁ ଓ ଯାତ୍ରୀପଟି ଓଡ଼ିଶାର ପ୍ରାଚୀନ ଚିତ୍ରକଳା ପରମ୍ପରାରେ ନିର୍ମିତ ହୁଏ। ଏଥିରେ ପ୍ରାକୃତିକ ପ୍ରଣାଳୀରେ ରଙ୍ଗ ବ୍ୟବହାର ହେଉଥିଲା। ସମୟ କ୍ରମେ ସେ ରଙ୍ଗ ଆଉ ବ୍ୟବହାର ହେଉ ନାହିଁ। ମାତ୍ର କାଠ ଉପରେ ପଟ୍ଟଚିତ୍ର ଆଙ୍କିବା ପରମ୍ପରା ଓଡ଼ିଆ ଶିଳ୍ପୀ ଶ୍ରୀଜଗନ୍ନାଥଙ୍କ ରଥରୁ ଆରମ୍ଭ କରିଥିଲା। ତାହା ପଟ୍ଟଚିତ୍ରରେ ସ୍ଥୂଳ କାରୁକାର୍ଯ୍ୟ ଥିଲା, ସୂକ୍ଷ୍ମ ବି। କାରଣ ରଥର ମୂର୍ତ୍ତିଗୁଡିକର ଚିତ୍ର ସୂକ୍ଷ୍ମ ପଟ୍ଟଚିତ୍ରର ଆଦି କଥା।

ରଥରେ ମଧ୍ୟ ପ୍ରାକୃତିକ ରଙ୍ଗ ବ୍ୟବହାର ହେଉଥିଲା। ମାତ୍ର ଗତ ୫୦ ବର୍ଷ ଭିତରେ ପ୍ରାକୃତିକ ରଙ୍ଗ ବ୍ୟବହାରରେ ପରିବର୍ତ୍ତନ ଆସିଥିବା ସୂଚିତ କରିଥିଲେ ଚିତ୍ରଶିଳ୍ପୀ ନାରାୟଣ ମହାରଣା। ରଥର ମୁହାଁଟି, ପ୍ରଭା, ନାଟଗୁଡା, ସାରଥି ପାଣି ରଙ୍ଗରେ ଚିତ୍ରିତ ହେଉଥିଲେ। କଳସପଟାରେ କାଗଜବାଡ଼ିଆ ହୋଇ ଅଠାରେ କନା ପଡୁଥିଲା ତା’ଉପରେ। କନା ଉପରେ ଖଡ଼ି ଘଷା ହେଉଥିଲା। ପଥରରେ ସେହି କନା ଉପରେ ଲାଗିଥିବା ଖଡ଼ିକୁ ଘଷାଯାଇ ଚିକ୍କଣ କରାଯାଉଥିଲା, ତା’ ଉପରେ ଯାଇ ଚିତ୍ର କରାଯାଉଥିଲା।

**ରଥ ହିଁ ପଟ୍ଟଚିତ୍ରର ପ୍ରଥମ ପ୍ରୟୋଗଶାଳା:** ରଥର ଚକଗୁଡ଼ିକ ହେଉଛି ଅନ୍ୟତମ ଆକର୍ଷଣ। ପ୍ରାଚୀନ କାଳରୁ ଓଡ଼ିଆ ଚିତ୍ରଶିଳ୍ପୀ ରଥର ଚକକୁ ଯେପରି ଚିତ୍ରିତ କରୁଥିଲା, ତାହା ବି ପଟ୍ଟଚିତ୍ରର ପ୍ରାଥମିକ ଅବସ୍ଥା। ତାହା ବହୁ ପରୀକ୍ଷା–ନିରୀକ୍ଷା ହୋଇ ବିକାଶ ଲାଭ କରିଛି। କାରଣ କାଠ ଉପରେ ପଟ୍ଟଚିତ୍ରର ଶୋଭା ଲୋଭନୀୟ କରିବା ସହଜ ନ ଥିଲା। ଚକରେ ପ୍ରଥମେ ଚୂନ ବୋଳାଯାଉଥିଲା। ତା’ ଉପରେ ଗେରୁ କନାରେ ଚିତ୍ର ଅଙ୍କାଯାଉଥିଲା। ପରେ ପାଣିରଙ୍ଗ ଉପରେ ବାର୍ନିସ କୋଟିଂ କରାଗଲା।

ରଥର ସାରଥି, ପ୍ରଭା, କଳସ, ଶୁଆ, ପାର୍ଶ୍ୱଦେବ–ଦେବୀ, ନାଟଗଣ୍ଡୁ, ହଂସପଟା, ଘୋଡ଼ା, କନ୍ୟାପଟା, ପଟାଗୁଜ, କଣଗୁଜ, ଋଷିପଟା, ପାରାଭାଡ଼ି ମଧ୍ୟ ପ୍ରାକୃତିକ ରଙ୍ଗରେ ପୂର୍ବେ ଚିତ୍ରିତ କରାଯାଉଥିଲା। ବର୍ତ୍ତମାନ ଆଉ ପ୍ରାକୃତିକ ରଙ୍ଗ ଦିଆଯାଉନାହିଁ। ଓଡ଼ିଆ ଶିଳ୍ପୀ କାଠ ଉପରେ ପଟ୍ଟଚିତ୍ର ଆଙ୍କିବା ପରମ୍ପରା ପ୍ରଥମେ ମହାପ୍ରଭୁଙ୍କ ରଥରୁ ହିଁ ଆରମ୍ଭ କରିଥିଲା।

କାନ୍ଥରେ କଳା, ଢାଉ (ଗେରୁଆ), କାଇମାଟି ବା ରାମରଜରେ ଚିତ୍ର ହେଉଥିଲା। ହଳଦୀରଙ୍ଗ, କାଇମାଟି, କଳା ଓ ଗେରୁରେ ‘ସଖୀଚିତ୍ର’ ଚିତ୍ରିତ ହେଉଥିଲା। ଚନ୍ଦନଘର ଚିତ୍ର କଳା, ଗେରୁ ଓ କାଇମାଟିରେ ଚିତ୍ରିତ ହେଉଥିଲା। ପରେ ବ୍ୟବହାର ହେଲା ହିଙ୍ଗୁଳ, ହରିତାଳ, ଶଙ୍ଖ,ଗେରୁ, କଳା ଓ ରବିନ୍ ବ୍ଲୁ ବା ନୀଳରଙ୍ଗ ମିଶ୍ରଣ।

**ପଟିଦିଅଁ ପ୍ରସ୍ତୁତି ପର୍ବ:** ପଟିଦିଅଁ ପ୍ରସ୍ତୁତି ସମୟରେ ଗଭୀର ଭକ୍ତି ଓ ସମର୍ପିତ ଭାବରେ ଶିଳ୍ପୀଙ୍କ ସହ ତାଙ୍କ ପରିବାର ବି ହବିଷ୍ୟାନ୍ନରେ ରୁହନ୍ତି। ଆମିଷ ଉସୁନା ଘରେ ପଶେ ନାହିଁ। ଚିତ୍ର ପ୍ରସ୍ତୁତ ହେଉଥିବା ଘରକୁ ମହିଳାମାନେ ଯାଆନ୍ତି ନାହିଁ। ତେବେ ପଟିଦିଅଁ ଲାଗି ନୂଆ କନା ଓ କଇଥ ଅଠା ଆଧାର ହୁଏ। ୫ଟି ଦେଶୀୟ ରଙ୍ଗ ନାଲି, ହଳଦିଆ, ନୀଳ, କଳା ଓ ଧଳା ବ୍ୟବହାର ହୁଏ। ଚୂନରୁ ଆସେ – ଧଳାରଙ୍ଗ, ହରିତାଳ ପଥରରୁ– ହଳଦିଆ, ହିଙ୍ଗୁଳରୁ– ନାଲି, ଖଣ୍ଡନୀଳରୁ–ନୀଳରଙ୍ଗ ଏବଂ ଦୀପ ଜଳାଇ କଳାରଙ୍ଗ ସଂଗ୍ରହ କରାଯାଏ।

**ବିସର୍ଜିତ ହୁଅନ୍ତି ନାହିଁ ପଟିଦିଅଁ:** ମହାପ୍ରଭୁ ନବଯୌବନରେ ପ୍ରବେଶ କରିବାର ପୂର୍ବମୁହୂର୍ତ୍ତରେ ପଟିଦିଅଁ ଉଠିଯାଇ ବିଜେ କରନ୍ତି ମଣ୍ଡଣିଘରେ। ମା’ ବିମଳାଙ୍କ ମନ୍ଦିର ପାଖରେ ଥିବା ଶ୍ରୀଗୋପେଶ୍ୱର ମହାଦେବ ଓ ଶ୍ରୀନନ୍ଦବାସୁଦେବ ମନ୍ଦିରକୁ କୁହାଯାଏ ମଣ୍ଡଣି ଘର। ଏହା ବି ହର ଓ ହରିଙ୍କ ଆସ୍ଥାନ। ସ୍ଥାନ ପରିବର୍ତ୍ତନ ହେଲେ ବି ଲକ୍ଷ୍ୟ ବଦଳେ ନାହିଁ। ପଟିଦିଅଁ ବିସର୍ଜିତ ହୁଅନ୍ତି ନାହିଁ। ପୂଜା ବନ୍ଦ ହୁଏ ନାହିଁ। ରୂପ ବିବର୍ଣ୍ଣ ହେଲେ ଜଳରେ ମେଲାଣି ଦିଆଯାଏ। ପ୍ରତିନିଧି ଦେବଦେବୀମାନେ ଯାଆନ୍ତି ଦକ୍ଷିଣୀ ଘରକୁ, ପୁଣି ରତ୍ନ ସିଂହାସନକୁ।

ପ୍ରତିବର୍ଷ ଅଣସରରେ ଏହି ରୀତି ଚାଲିଆସୁଛି। ତେବେ ମାହାରୀ ନୃତ୍ୟ ବିକଶିତ ହୋଇ ‘ଓଡ଼ିଶୀ’ ରୂପରେ ଯେପରି ବିଶ୍ୱକୁ ବିମୁଗ୍ଧ କରିଛି, ଠିକ୍ ସେହିପରି ପୁରୀର ପାରମ୍ପରିକ ପଟିଦିଅଁ ପରମ୍ପରା ଶିଳ୍ପୀର ତୂଳୀରେ ଆଜି ପଟ୍ଟଚିତ୍ରରେ ପରିଣତ ହୋଇ ଓଡ଼ିଶାର ପଟାନ୍ତରହୀନ ପ୍ରାଚୁର୍ଯ୍ୟର ଗରିମା ଗାଉଛି।

**–ବୀରଭଦ୍ର ବିଶ୍ୱାଳ, ଫଟୋ : ଯଜ୍ଞେଶ୍ୱର ମହାନ୍ତି**





# ମହାବାହୁଙ୍କ ସେବାରେ ହିଁ ସନ୍ତୋଷ





ପ୍ରାୟ ଦୁଇ ଦଶନ୍ଧି ଧରି ଶ୍ରୀମନ୍ଦିର ପ୍ରଶାସନରେ ସ୍ୱତନ୍ତ୍ର ପଦାଧିକାରୀ ତଥା ବରିଷ୍ଠ ଉପପ୍ରଶାସକ ରୂପେ କାର୍ଯ୍ୟ କରିଥିବା ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ପ୍ରାବନ୍ଧିକ **ଡ. ଭାସ୍କର ମିଶ୍ର**। ଯିଏକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ବହୁ ବିରଳ ପୁସ୍ତକ ଓ ପୋଥି ସଂଗ୍ରହ କରିଛନ୍ତି। ଦୀର୍ଘ ୩୦ବର୍ଷ ଧରି ଶ୍ରୀଜଗନ୍ନାଥ ଚେତନା ଓ ମଠ ପରମ୍ପରା ସମ୍ପର୍କରେ ମଧ୍ୟ ଗବେଷଣା କରିଛନ୍ତି। ୨୦୨୧ମସିହା ସୁଦ୍ଧା ୬୪ଖଣ୍ଡ ଗବେଷଣାଭିତ୍ତିକ ଆଧ୍ୟାତ୍ମିକ ପୁସ୍ତକ ରଚନା କରିବା ସହ ମଠ ପରମ୍ପରାକୁ ନେଇ ଓଡ଼ିଶାର ପ୍ରଥମ ଗ୍ରନ୍ଥ ରଚନା କରିଛନ୍ତି।


ପୁରୀର ବାସେଲିସାହିରେ ତାଙ୍କ ଘର। ଜନ୍ମ ୧୯୬୧ମସିହାରେ। ପିତା ବୈଦ୍ୟନାଥ ମିଶ୍ର, ମା’କୁଞ୍ଜଲତା ଦେବୀ। ଏବେ ପରିବାର କହିଲେ ପତ୍ନୀ ରୁନୁ, ଗୋଟିଏ ପୁଅ ଅଜିତାଭ, ଗୋଟିଏ ଝିଅ ଅନିଶାକୁ ବୁଝାଏ। ସେ କୁହନ୍ତି, ‘ପିଲାଟିଦିନରୁ ବିଭିନ୍ନ ଦେବଦେବୀଙ୍କ ଆରାଧନା ସହ ପୁରାଣ ପଢୁଥିଲି, ଶ୍ଲୋକ ଉଚ୍ଚାରଣ କରୁଥିଲି। ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ ବାସେଲିସାହି ୟୁପି ସ୍କୁଲରେ। ପରେ ମ୍ୟୁନିସିପାଲିଟି ହାଇସ୍କୁଲ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ବିଏ ଏବଂ ଗଙ୍ଗାଧର ଆଇନ ମହାବିଦ୍ୟାଳୟରେ ଏଲ୍ଏଲ୍ବି କଲି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାରିପଦାରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପୁରୀର ମଠ ପରମ୍ପରା ଉପରେ ପିଏଚ.ଡି. କରିଛି। ତେବେ ପଢାପରେ ପ୍ରଥମେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ କାର୍ଯ୍ୟାଳୟଠାରେ ଲୋକସମ୍ପର୍କ ଅଧିକାରୀଭାବେ ଯୋଗଦେଇଥିଲି। ତାପରେ ୨୦୦୦ମସିହାରେ ରାଜ୍ୟ ଆଇନ ବିଭାଗରେ ଓଏସ୍ଡି ରୂପେ ଯୋଗଦାନ। ୨୦୦୬ରୁ ୨୦୧୨ଯାଏ ଶ୍ରୀମନ୍ଦିର ଉପପ୍ରଶାସକ ରୂପେ କାର୍ଯ୍ୟ ତୁଲାଇଥିଲି। ରାଜ୍ୟ ଆଇନ ବିଭାଗରେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଥାଇ ୨୦୨୧ ମେ ୩୧ରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛି। କିନ୍ତୁ ୟା’ଭିତରେ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ବିଷୟରେ ମୋର ଲେଖାଲେଖି ଜାରି ରହିଛି। ଏଥିପାଇଁ ଶ୍ରୀମନ୍ଦିର ବୟୋଜ୍ୟେଷ୍ଠ ସେବକ, ପୁରାତନଗ୍ରନ୍ଥ, ମାଦଳାପାଞ୍ଜି ଓ ରାଜ୍ୟ ଅଭିଲେଖାଗାରର ସାହାଯ୍ୟ ନେଇଛି। ଦୀର୍ଘ ୨୨ ବର୍ଷ ଧରି ଶ୍ରୀମନ୍ଦିରର ବିଭିନ୍ନ ଯାତ୍ରା, ବିଶେଷ ନୀତିରେ ପ୍ରତ୍ୟକ୍ଷ ଭାବେ ଦାୟିତ୍ୱରେ ରହିବା ସମୟରେ ନିରୀକ୍ଷଣକରି ତଥ୍ୟ ସଂଗ୍ରହ କରୁଥିଲି। ଏହାସହ ‘ଶ୍ରୀମନ୍ଦିର ଓ ସମାଚାର’ ପତ୍ରିକାର ସମ୍ପାଦନା ଦାୟିତ୍ୱ ତୁଲାଇଥିଲି। ୧୯୯୬ମସିହାଠାରୁ ୨୦୨୧ ମସିହା ମଧ୍ୟରେ ଓଡ଼ିଶା, ରାୟପୁର, ତିରୁପତି, ମୁମ୍ବାଇ, ନୂଆଦିଲ୍ଲୀ ସମେତ ନେପାଳର କାଠମାଣ୍ଡୁଠାରେ ଆୟୋଜିତ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଉଭୟ ଅନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରଗୁଡ଼ିକରେ ଅଂଶଗ୍ରହଣ କରି ନିବନ୍ଧ ଉପସ୍ଥାପନ କରିଛି। ସମ୍ପ୍ରତି ନୀଳାଦ୍ରି ପତ୍ରିକାର ମୁଖ୍ୟ ସମ୍ପାଦକ ରୂପେ କାର୍ଯ୍ୟ ନିର୍ବାହ କରୁଛି। ଓଡ଼ିଶାର ଆଧ୍ୟାତ୍ମିକ ପତ୍ରପତ୍ରିକାଗୁଡ଼ିକରେ ନିୟମିତ ଭାବେ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ପ୍ରବନ୍ଧମାନ ପ୍ରକାଶ କରିବା ସହିତ ଆକାଶବାଣୀ, ଦୂରଦର୍ଶନ ଆଦିରେ କେତେକ ସ୍ୱତନ୍ତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏବଂ ରଥଯାତ୍ରା ଧାରାବିବରଣୀରେ ଅଂଶଗ୍ରହଣ କରିଆସୁଛି। ୨୦୨୧ରେ ଓଡ଼ିଶାର ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟର ସାଧାରଣ ସମ୍ପାଦକ ରୂପେ ମନୋନୀତ ହୋଇ କାର୍ଯ୍ୟ କରୁଅଛି। ସମ୍ପ୍ରତି ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ରୂପେ ମନୋନୀତ। ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଅନେକ ପୁସ୍ତକ ରଚନା କରିଛି। ଅନ୍ୟପକ୍ଷେ ଜଗନ୍ନାଥ ସେବା ପାଇଁ ଶତାଧିକ ଅନୁଷ୍ଠାନ ତରଫରୁ ମତେ ମିଳିଛି ଅନେକ ସମ୍ମାନ। କିନ୍ତୁ ଯେଉଁ କଥା ଆଜି ବି ଆତ୍ମସନ୍ତୋଷ ଦିଏ ତାହା ହେଉଛି ଜଗନ୍ନାଥଙ୍କ ସେବା ଏବଂ ଜଗନ୍ନାଥଙ୍କୁ ନେଇ ଘଟିଥିବା ଅନେକ ଅଲୌକିକ ଘଟଣା। ସେଥିମଧ୍ୟରୁ ଗୋଟିଏ ହେଲା– ୧୯୯୬ ମସିହା ନବକଳେବର କଥା। ପ୍ରଶାସକ କହିଥିଲେ ବାଙ୍ଗାଲୋର ଯାଇ ଚନ୍ଦନ କାଠ ଆଣିବା ପାଇଁ। ଏହାପୂର୍ବରୁ ମୁଁ କେବେ ବାଙ୍ଗଲୋର ଯାଇ ନ ଥିଲି। ଘଟୁଆରୀ ସେବକ ଓ କଟକର ଜଣେ ଦାତାଙ୍କୁ ଧରି ମୁଁ ଯାଇଥିଲି। ମତେ ଜଣାଯାଇଥିଲା ଯେ, ଜଗନ୍ନାଥଙ୍କ ସେବା ପାଇଁ ଦୁଇ କୁଇଣ୍ଟାଲ ଚନ୍ଦନ କାଠ ମଞ୍ଜୁର ହୋଇଛି। ହେଲେ ସେଠାରେ ପହଞ୍ଚିବାପରେ କହିଲେ କହିଲେ ଚନ୍ଦନେ କାଠ ମଞ୍ଜୁର ହେଇଛି। ହେଲେ ନଥି ଖୋଲିବାବେଳେ ଦେଖିଲୁ ତାହା ବଦ୍ରୀନାଥ ଧାମର। ମୁଣ୍ଡରେ ବଜ୍ର ପଡିଲା ପରି ଲାଗିଲା। କ’ଣ କରିବି ଭାବି ପାରିଲିନି। ମହାପ୍ରଭୁଙ୍କ ପ୍ରଥମ କାମରେ ବିଫଳ ହୋଇ ଶ୍ରୀକ୍ଷେତ୍ର ଯିବି! ୧୯ ବର୍ଷ ପରେ ନବକଳେବର ପଡିଛି। ଅଫିସର ବାରଣ୍ଡାରେ ପଡିଥିବା ବେଞ୍ଚ ଉପରେ ବସି ସ୍ମରଣ ହେଲା ମହାପ୍ରଭୁଙ୍କର ନୀଳଚକ୍ର। ଆଉ ଏଇ କଥା ଭାବି ଭାବି ଆଖିରୁ ଦୁଇଟୋପା ଲୁହ ଗଡିଗଲା। ମହାପ୍ରଭୁ କେତେ ପରୀକ୍ଷା କରୁଛ? ଆମକୁ ସଫଳ କରାଅ। ଏଇ ସମୟରେ ଆମେ ଦେଇଥିବା ଦରଖାସ୍ତ ମିଳିଲା। ତାକୁ ମଞ୍ଜୁର କରିବାକୁଥିବା ଅଫିସର୍ ଦିଲ୍ଲୀରେ ଥିଲେ। ପୁଣି ମହାପ୍ରଭୁଙ୍କୁ ଡାକିଲି। ଶେଷରେ ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମକୁ କାଣ୍ଟଛାଣ୍ଟ କରି ସନ୍ଧ୍ୟା ୭ଟାରେ ସେହି ଅଫିସର ପହଞ୍ଚିଲେ। ସେ ଯେତେବେଳେ ଶୁଣିଲେ ମୁଁ ପୁରୀ ଜଗନ୍ନାଥ ଧାମରୁ ଚନ୍ଦନ କାଠ ନେବାକୁ ଆସିଛି, ଆଉ ଦିନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କିଛି ନ ଖାଇ ବସିଛି। ମାତ୍ର ୫ ମିନିଟ ଭିତରେ ସେ ଚନ୍ଦନ କାଠ ମଞ୍ଜୁର କଲେ। କହିଲେ ମହୀଶୂରରେ ଚନ୍ଦନ କାଠ ଅଛି ନେଇକି ଯିବ। ତାପରଦିନ ଆମେ ମହୀଶୂର ଗଲୁ। ହେଲେ ଅର୍ଡର ନେଇ ମହୀଶୂରରେ ପହଞ୍ଚିଲା ପରେ ଜାଣିଲୁ ସେଠାରେ ବି ଚନ୍ଦନ କାଠ ନ ଥିଲା। ମହାପ୍ରଭୁ ପୁଣି ପରୀକ୍ଷା ନେଲେ। ସେଠାରେ ଜଣେ ମହିଳା ଡିଏଫ୍ଓ କହିଲେ ହାସାନ ଦ୍ୱୀପରେ ଚନ୍ଦନ କାଠ ଅଛି। ତେଣୁ ୧୩୫ କି.ମି. କାର୍‌ରେ ଗଲୁ। ଦ୍ୱୀପରେ ପହଞ୍ଚୁ ପହଞ୍ଚୁ ଚନ୍ଦନ କାଠର ମହ ମହ ବାସ୍ନାରେ ମନ ଆତ୍ମସନ୍ତୋଷରେ ଭରିଗଲା। ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି କହିଲୁ ଏତେ ପରୀକ୍ଷା ପରେ ତମ କାର୍ଯ୍ୟ ପାଇଁ ତମ ଜିନିଷ ମିଳିଗଲା। ପୂର୍ବରୁ ଚନ୍ଦନ କାଠ କଲିକତାରୁ ଆସୁଥିଲା। ପ୍ରଥମଥର ପାଇଁ ମହୀଶୂରର ଚନ୍ଦନ କାଠ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଲା। ଏହି ଘଟଣା ଏବେ ବି ଆଖିରେ ଲୁହ ଆଣିଦିଏ।

**–ବନବିହାରୀ ବେହେରା**

















# ସେବା

–ଲୋପାମୁଦ୍ରା ପରିଡ଼ା

ଏଇ ସହରରେ ପଢ଼ାବଢ଼ା । ଦେଖା ହୁଏ ସନାତନୀ ସହ ମୋର । ମିତ୍ରତା, ଭରସା ପରେ ଭଲପାଇବାଟା ଆପେ ଚେର ମଡେଇ ସାରିଥାଏ ଆମ ଅଜାଣତରେ । ବଣ ନିଆଁ ପରି ବ୍ୟାପିଗଲା କଥା । ସେ ଦିନ ଘରେ ପହଞ୍ଚି ଦାଣ୍ଡ ପିଣ୍ଡାରେ ବୋଉର ଉତ୍ତୁରା ମୁହଁ ଆଉ ନନାଙ୍କ ବ୍ରହ୍ମାଗ୍ନି ନୀରବତା ଦେଖି ମତେ ଆଉ କିଛି ଅବୁଝା ନ ଥିଲା । ଧରିଥିବା ହାତ ଛାଡିବାର ବି କୋଉ ଥିଲା ଯେ ! ବୈଧବ୍ୟଧବଳ ବୋଲା ପୀଉସୀନାନୀ ସଂକୁଚିତ ସ୍ୱରରେ ପଚାରିଲା, ‘‘ଆରେ କିଏ ସେ କିରେ ସିଏ ? ଆମ ସେବାୟତ ଘର ପିଲାଟି ?’’

ମୋ ଭିତରେ ଏତେ ଦମ୍ଭ କିଏ ଖୁନ୍ଦିଲା କେଜାଣି ! ବ୍ୟାଗରେ ଦିଖଣ୍ଡ ଲୁଗାପଟା ସହ ନନାବୋଉଙ୍କର ବନ୍ଧେଇ ଫଟୋଟେ ପୂରାଉ ପୂରାଉ କହିଲି, ‘‘ନାଇଁ, ମଣିଷ ଜାତି । ମିଶିନାରୀ । ଇସାଇ ଝିଅ । ଆମ ଦିଅଁଙ୍କ ପ୍ରତି ଭାରି ଶ୍ରଦ୍ଧାଭକ୍ତି ତା’ର – ବିଭୋର କଲାପରି । ବିଶ୍ୱାସେ ମିଳନ୍ତି ହରି ପରା ।’’

ମୁହଁ ପୋତି ବସିଥିବା ନନା ପଦୁଟେ କହିଲେନି, ‘‘ରହିଯା, କୁଆଡେ ବାହାରିଲୁ ?’’ । ବୋଉ କୋକନ୍ଦିମୋକନ୍ଦି କାନ୍ଦୁଥିଲା ଠଣା ଝରକାଠି । ପାଣି ଝରିଆଟେ ଗଡି ପଡିଥିଲା ଅଗଣାକୁ । ନନାଙ୍କ ଛାତିରେ ପାଦରଖି ବାହାରି ଆସିଲା ପରି ବୋଧ ହେଉଥିଲା ମୋତେ । କାନ, ପାଦ ଥିରପଥର ଥିଲେ କାଳେ ପଛରୁ ବୋଉ କି ନନା ଡାକିଦେବେ, ହେଲେ ...

ଏ କଥାକୁ ଯୁଗଟେ ଗଲାଣି । ପରେ ଶୁଣିଥିଲି କାଳେ ମୋର ଅଜାତିରେ ପାଣିଗ୍ରହଣ ନେଇ ନନାଙ୍କ ଚୁଲି ବଡଦେଉଳରୁ ଉଠିଗଲା । ସେବା ବାସନ୍ଦ ହେଲା । ନନା ଜଉମୁଦ ଦିଆ ତାଲା ପକେଇଦେଲେ ପାଟିରେ । ବୋଉ ମୂର୍ତ୍ତି ପରି ଚଳିଲା । ମୋ ଜାତକ ନନାଙ୍କ ପାଞ୍ଜି ତାଳ ଥାକରୁ ତେଜ୍ୟ ହେଇସାରିଥିଲା ।

ଏ ସବୁର ଭାର ଭାରି ଓଜନିଆ ଥିଲା । ହେଲେ କାରଣଟି ଖୋଜି ପାଉ ନ ଥିଲି । ଯୋଉ ଜଗନ୍ନାଥେ ନିମା ନାମେ ସିପୁଟି, ଯେ ଜାତିରେ ଗୋଲକ ତା’ର ଘରେ ଅନ୍ନ ଭକ୍ଷଣ କଲେ । ଯିଏ ଶବରୀର ଶଙ୍ଖୁଡିକୁ ପ୍ରସାଦ ପରି ପାଇ ଶବରବିଟାଳ ହେଲେ, ଯିଏ ସାଲବେଗ ପାଇଁ ରଥ ରୋକିଦେଲେ, ଯିଏ ଶଲଭା ହାତୁ ଶାଗ ଚାଖିଲେ, ଯିଏ ବାଉରୀଠୁ ନଡିଆ ନୈବେଦ୍ୟ ଘେନିଲେ, ଯିଏ କୋଟି କୁଟୁମ୍ବର ମଉଡମଣି, ଯାହାର ଗଉଡ ପିଲେ ମିତ, ଯାହା କଥା କହିଲେ ନ ସରିବ, ଯିଏ ବୋଇରାଣୀ ହାତ ବୁଣା ପିନ୍ଧିଲେ, ବିଶ୍ୱାବସୁ, ଶ୍ରୀୟା,ନିଷାଦ, ଜାମ୍ବବନ୍ତ ଆଦି ସଭିଁଙ୍କ ଭକ୍ତିକୁ ଆଦରିଲେ, ଯାହାଙ୍କୁ ନାନକଙ୍କଠୁ ଗଣପତି ଭଟ୍ଟ, ଶଙ୍କରାଚାର୍ଯ୍ୟ ଯାଏ ପୂଜିଲେ, ମଥାନତ କଲେ, ଲମ୍ବ ଦଣ୍ଡବତ ବାଢିଲେ ସିଏ କ’ଣ ମଣିଷକୁ ମଣିଷରେ ନ ଗଣି ଜାତିରେ ଗଣିବେ ? ଦଣ୍ଡ ଠାଣିବେ ଆଉ ଚକ୍ର ପେଷିବେ ? ମୋ ମନ କାଇଁ ମାନୁ ନ ଥିଲା । ଭାରି ଗୋଳେଇ ଘାଣ୍ଟି ଲାଗୁଥିଲା । ନନାଙ୍କ ମୁହଁଟା ଆଖି ଆଗକୁ ଭାସିଆସିଲେ ଦୋଷୀପଣଟେ ବି ଆବରୁଥିଲା । ଯୋଉ ସେବା ନେଇ ଆମେ ପରିଚିତ, ତା’ ବିନା ... ? ସମାଜର ନିୟମ ଖୁବ୍ କଡ଼ା ।

କୋଉଠି ଆଶ୍ରା ନିଅନ୍ତୁ ଦିହେଁ ? କିଏ ବା ଚିହ୍ନା ଥିଲା ? ଷ୍ଟେଶନ, ବଜାର ହେଇ ଦି’ ଦିନ ଗଲା । ପକେଟ୍‌ରୁ ବି ଲକ୍ଷ୍ମୀ ଖସୁଥିଲେ ହାଲୁକେଇ । ଭଡ଼ାରେ ଘରଟେ ଆଗେ ନେବା ସ୍ଥିର କଲୁ । ନୂଆ ସହର । ରେଳ ଆଣି ଯୋଉଠି ପହଞ୍ଚେଇ ଦେଇଛି ।

ସାଧାରଣ ଦିଶୁଥିବା ଘରଟିଏର ଫାଟକରେ ଝୁଲୁଥିଲା ‘ ଭଡା ଦିଆଯିବ’ର ବିଜ୍ଞାପନ । ପରସ୍ତେ ଆଶ୍ୱସ୍ତ ହୋଇ ପରସ୍ପରକୁ ଚାହିଁଲୁ ଆମେ । ସନାତନୀ କବାଟ ବାଡ଼େଇବା ଆଗୁ ଫିଟିଲା ଦରଜା । ଚମକିପଡିଲି ମୁଁ । ସତେକି ଅବିକଳ ନନା ମୋ ଆଗରେ ଉଭା । ପ୍ରକୃତିସ୍ଥ ହେଲି ସନାତନୀର ଆଖି ଠାରରେ ।

ବୈଠକରେ ବସେଇ ଭିତରକୁ ଗଲେ । ଅଳ୍ପ ସମୟରେ ବୃଦ୍ଧ ଦମ୍ପତି ଉଭା ହେଲେ ଆମ ସାମ୍ନାରେ । କିଛି ବାକ୍ୟ ବିନିମୟ ଓ କିଛି ନୀରବତା ପରେ କହିଲେ ,‘‘ ହୁଁ... ଘର ଦେବା ଆଗରୁ ଗୋଟିଏ ସର୍ତ୍ତ ଅଛି ।’’
ଆଶା ମିଶା ଭୟାର୍ତ୍ତ ଦୃଷ୍ଟି ଆମର । ହସ ହସ ମୁହଁ ବୃଦ୍ଧ ଦମ୍ପତିଙ୍କର ।

–‘‘ଆସ ଆମ ପଛରେ ।’’

ଅଟକିଲୁ ବନ୍ଦ ଥିବା ଏକ ବଖରା ବାହାରେ – ଏକତାଲା ଉପରେ । ପେଲିଦେଲେ କବାଟ ବୃଦ୍ଧ ।

–‘‘ଆଜିଠୁ ୟାଙ୍କୁ ସେବିବ ଯଦି ତେବେ ଏଇ ରହିଲା ଘର ଚାବି । ୟା’ଙ୍କ ଦାୟିତ୍ୱ ତମର ।’’

ମାର୍ବଲ ଥାକରେ ହସୁଥିଲେ ନୀଳମଣି ଲାଲିଚାନ୍ଦ ହସ, ନନାଙ୍କ ଅଭୟ ମୁହଁଟି ପରି ।

ପୁରୀ ଛାଡି ସିନା ସେଦିନ କୋଉ ଶକ୍ତି ବଳରେ ସନାତନୀର ହାତ ଧରି ବାହାରି ଆସିଥିଲି ହେଲେ ମୋ ଦିଅଁ ଯେ ମୋ ପଥେ ପଥେ ଥିଲେ ଏ କଥା ଏତେବେଳେ ବୁଝିଲି । ଅଗତିର ଗତି ସ୍ୱୟଂ ମହାବାହୁ ।

*–ପାନାଥୁର, ବାଙ୍ଗାଲୋର*
*ମୋ: ୯୭୩୧୦୫୭୦୧୪*

# ତୀର୍ଥଯାତ୍ରା

– ଚିନ୍ମୟ ବିବେକ

ସୂର୍ଯ୍ୟକୁ ମାଗିଲେ ସିନ୍ଦୂର
ମାଟିକୁ କୁମ୍ଭ
ମହାନଦୀକୁ ଜଳ
ଲକ୍ଷ୍ମୀଙ୍କୁ ଧୋବ ଫରଫର ଧାନ
ଭାର୍ଗବୀକୁ ଆମ୍ବଡାଳ
ମାଗିଲେ ଦାସିଆ ଭୋଇର ବଗିଚାରୁ ପଇଡ଼
ଆକାଶକୁ ନୀଳ
ସମୁଦ୍ରକୁ ଶଙ୍ଖ
ପକ୍ଷୀଙ୍କୁ କଳରୋଳ
ମାଗିଲେ ପବନକୁ କସ୍ତୁରୀର ବାସ୍ନା
ମାନସରୋବରକୁ ବ୍ରହ୍ମକମଳ
ଯାତ୍ରା ଆରମ୍ଭିଲେ ତ
ସାକ୍ଷୀ ରହିଲେ ଦଶ ଦିଗପାଳ ।
କହୁଛ: ଆଉ ଯାଇହେବନି
ତମ ସାଙ୍ଗରେ ।

ଆଗରେ ଅନ୍ଧାର, ଅରଣ୍ୟ
ତମେ କେବେ
ସାଞ୍ଜୁଟିଏ ହୋଇପାରିବନି, ଜାଣେ
କାହିଁକି ମଣିଷ
ଟେକାଟିଏ ବି ଲୋଡ଼େ ?

ଭଲ । କାଲି ଗୋଡ଼ କାଢ଼ିଲ
କୋଉ ଦମ୍ଭରେ ?
ଏଇଠି ଅଟକିଯିବାର ଥିଲା
ତ କିଆଁ ବାହାରିଥିଲେ
ଏତେ ଦୂର ଏଡ଼େ ସଂକଳ୍ପରେ
ତୀର୍ଥାଟନ ସମ୍ଭବ
ସୁବର୍ଣ୍ଣ ପ୍ରତିମାରେ ?
*–ଦଇତାପଡ଼ା ସାହି, ପୁରୀ*
*ମୋ: ୯୪୩୭୨୮୫୬୨୩*

# ନୀଳ ସମ୍ମୋହନ

–ସୁଜାତା ମିଶ୍ର

ପାବନ ଋତୁରେ ଛୁଇଁ ଯାଏ
କଦମ୍ବ ଫୁଲର ଶିହରଣ...
କଳା ମେଘ ମୁହଁ ସାରା ବିଜୁଳିର
ଚକ୍ ଚକ୍ ହସ ...
ପାହାଡ଼ର ଅଙ୍କେ ବଣ ଝରଣାର
ଚପଳ ବିଳାସ....,
ଯମୁନା ନଦୀର ତୀରେ
ଭାସି ଆସେ କାହା ବଂଶୀ ସ୍ୱନ...
ମହ ମହ ବାସେ ପୁର ପଲ୍ଲୀ
ନଗର ସହର
କର୍ପୂର ତୁଳସୀ ଆଉ ଚନ୍ଦନ ଚନ୍ଦନ...
ମନ ପ୍ରାଣ ଆଲୋଡ଼ିତ କରେ
କାହାର ଏ ନୀଳ ସମ୍ମୋହନ !
–କସ୍ମୋପଲିସ, ଖଣ୍ଡଗିରି, ଭୁବନେଶ୍ୱର
–ମୋ: ୯୪୩୭୧୧୭୦୮୪





ଶ୍ରଦ୍ଧା

# ଚନ୍ଦନଙ୍କ ନୂଆ ଅବତାର

ଅଭିନେତା ଚନ୍ଦନ କରଙ୍କୁ ଖୁବ୍ ଶୀଘ୍ର ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ। ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ମହର୍ଷି'ର ଟାଇଟଲ ଭୂମିକାରେ ସେ ଅଭିନୟ କରୁଛନ୍ତି। ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ପ୍ରଖ୍ୟାତ ବ୍ୟକ୍ତି ଓଡ଼ିଶାରେ ଆଗଧାଡ଼ିର ଆଲୋକବର୍ତ୍ତିକା ସାଜିଥିଲେ ସେମାନଙ୍କ ମଧ୍ୟରୁ ଜୟୀ ରାଜଗୁରୁ ଅନ୍ୟତମ। ହେଲେ ସେତେବେଳେ ବ୍ରିଟିଶ ଶାସକ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାକୁ ପଛାଇ ନ ଥିଲେ। ହେଲେ ତାଙ୍କର ବୀରଗାଥା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି 'ମହର୍ଷି'। ଏପରି ଏକ କଥାବସ୍ତୁ ଉପରେ ଆଧାରିତ ସିନେମାଟିକୁ ନିର୍ମାଣ କରିଛନ୍ତି ପ୍ରଦୀପ କୁମାର ସାହୁ। ଏସଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ରମାକାନ୍ତ କରଙ୍କ ନିବେଦିତ ଏହି ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସତ୍ୟବ୍ରତ ନାୟକ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଅମର ପତି କୋରିଓଗ୍ରାଫି ଦାୟିତ୍ୱ ତୁଲାଇଥିବା ବେଳେ କ୍ରିଏଟିଭ ଡାଇରେକ୍ଟର ଅଛନ୍ତି ଦେବାଶିଷ ଜେନା। ଏଥିରେ ଚନ୍ଦନଙ୍କ ବ୍ୟତୀତ ଶ୍ରୀତମ ଦାସ, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ, ପ୍ରଶାନ୍ତ ନାୟକ, ମହିମା ଦାସ, ମୁକେଶ, ଚୌଧୁରୀ ବିକାଶ ଦାସ, ପ୍ରତିଭା ପଣ୍ଡା, କୁସୁମ ତ୍ରିପାଠୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



'ମହର୍ଷି' ଚଳଚ୍ଚିତ୍ରରେ ଚନ୍ଦନ

# ଦୋଛକିରେ କରୀନା

କରୀନା କପୁର ଏବେ ଦୋଛକିରେ ପଡିଛନ୍ତି। କାରଣ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଥିଲା। କାହାଣୀ ଶୁଣିବା ପରେ ସେ ରାଜି ମଧ୍ୟ ହୋଇଥିଲେ। ହେଲେ ଅଡୁଆ ଏଇଥିପାଇଁ ହୋଇଛି ଯେ, ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି। ତେଣୁ କାହାକୁ କେତେବେଳେ ସମୟ ଦେବେ ତାହା ତାଙ୍କୁ ଦୋଛକିରେ ପକାଇ ଦେଇଛି। ଏ ନେଇ କରୀନା କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେସ୍ କରିଛି। ହେଲେ ଏଗୁଡିକର ଶୁଟିଂ ଏକାଥରେ ଆରମ୍ଭ ହେବ। ତେଣୁ ମୁଁ ଅଡୁଆରେ ପଡିଯାଇଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯଦି ତାହା ନ ହୁଏ ତେବେ ହୁଏତ ଗୋଟିଏ ଫିଲ୍ମ ମୁଁ ହାତଛଡା କରିପାରେ। ଏ ନେଇ ଅବଶ୍ୟ କିଛି ନିଷ୍ପତ୍ତି ଏବେ ନେଇନି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।' ସୂଚନାଯୋଗ୍ୟ ଆମୀର ଖାଁ–କରୀନା କପୁରଙ୍କ ଲାଲ୍ ସିଂ ଚଡ଼ା ଚଳିତ ବର୍ଷ ଅଗଷ୍ଟ ୧୧ରେ ରିଲିଜ ହେବାକୁ ଯାଉଛି।



# ସମୟାନୁବର୍ତ୍ତୀ ଶ୍ରଦ୍ଧା

ଯାହା କୁହନ୍ତୁ ନା କାହିଁକି ଶ୍ରଦ୍ଧା କପୁରଙ୍କ ଆଇଡିଆକୁ ମାନିବାକୁ ପଡିବ। ବର୍ତ୍ତମାନ ସେ ସ୍ପେନ୍‌ରେ ଡେରା ପକାଇଛନ୍ତି। ସେଠାକୁ ସେ ବୁଲିବାକୁ ଯାଇନାହାନ୍ତି। ଲଭ୍ ରଞ୍ଜନଙ୍କ ଏକ ଅନଟାଇଟଲ୍ଡ ଫିଲ୍ମରେ ଶ୍ରଦ୍ଧା ଅଭିନୟ କରୁଛନ୍ତି ଏବଂ ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର। ନିକଟରେ ସ୍ପେନ୍‌ରେ ଏହାର ଏକ ଗୀତର ଶୁଟିଂ କରାଯାଉଥାଏ। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ଶ୍ରଦ୍ଧା ଯାଇ ସେଠାରେ ହାଜର। ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ଶ୍ରଦ୍ଧାଙ୍କୁ ଦେଖି ତାଜୁବ ହୋଇଗଲେ। ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ। ଏ ସମ୍ପର୍କରେ ଶ୍ରଦ୍ଧା କହନ୍ତି, 'ଏହି ଗୀତର ଶୁଟିଂ ଆରମ୍ଭ ହେବାର ତିନି ଘଣ୍ଟା ପୂର୍ବରୁ ମୁଁ ଏଠାକୁ ଆସିଛି। ଯେହେତୁ ଏହା ଇନ୍‌ଡୋର ଶୁଟିଂ ତେଣୁ ଏଠାରେ ମୁଁ କିଛି ସମୟ ପ୍ରାକ୍ଟିସ କରୁଥିଲି। ମୋ ମତରେ ରଣବୀରଙ୍କ ସହ ଏହି ଡୁଏଟ୍‌କୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ।' ଖାସ୍ କଥା ହେଲା ପ୍ରଥମ ଥର ପାଇଁ ଏହି ଯୋଡିକୁ ବଡ ପରଦାରେ ଦେଖିବାକୁ ମିଳିବ। ରଣବୀର–ଶ୍ରଦ୍ଧାଙ୍କ ବ୍ୟତୀତ ବୋନି କପୁର ଏବଂ ଡିମ୍ପଲ କପାଡିଆ ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୮ରେ ମୁକ୍ତିଲାଭ କରିବ।

# ସବୁ ଗୁଜବ

ଦବଙ୍ଗ ଗର୍ଲ ସୋନାକ୍ଷୀଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ଶତ୍ରୁଘ୍ନ ତନୟା କୁଆଡେ ଚଳିତ ବର୍ଷ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଏକଥା ଆଲୋଚନାର ଶିରୋନାମା ପାଲଟିବା ପରେ ତାହା ତାଙ୍କ କାନରେ ପଡିଥିଲା। ଆଉ ଏପରି ବିଷୟ ଶୁଣି ସେ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସେତିକି ଦୁଃଖ ପ୍ରକାଶ କରିଥିଲେ। ଏଭଳି କଥାକୁ ନେଇ ସୋନାକ୍ଷୀ ସିହ୍ନା କହନ୍ତି, 'କେହି ଜଣେ ମୋତେ ଅଯଥା ବଦନାମ କରିବାକୁ ଏଭଳି ଅପପ୍ରଚାର କରୁଛନ୍ତି। ମୋର ଏବେ ମ୍ୟାରେଜ କରିବାର କୌଣସି ଯୋଜନା ନାହିଁ। କାରଣ ବର୍ତ୍ତମାନ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି। ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ। କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ। ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି।' ସୋନାକ୍ଷୀ ଏବେ ନିଜ ଫିଟନେସ ପ୍ରତି ଅଧିକ ସଚେତନ ରହୁଛନ୍ତି। ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି। କାରଣ ଖୁବ୍ ଶୀଘ୍ର ସେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାର ଯୋଜନା ରହିଛି।

# ନାୟିକାଙ୍କ ସଂଖ୍ୟା ଦଶ

ସଲମାନ ଖାଁ ଓରଫ ସଲ୍ଲୁ ମିଆଁଙ୍କ ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚା। କାରଣ ଏହି ଫିଲ୍ମରେ ତାଙ୍କ ସହ କେତେ ଜଣ ନାୟିକା ଅଭିନୟ କରିବେ ଜାଣନ୍ତି ? ଦଶ ଜଣ। ତେବେ ଏପରି ମୁଖ୍ୟ ଭୂମିକା ପାଇଁ ନାୟିକା ଚୟନ ପ୍ରକ୍ରିୟା ଚାଲୁ ରହିଛି। ୨୦୦୫ରେ ବୋନି କପୁରଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିଲା 'ନୋ ଏଣ୍ଟ୍ରି'। ଏଥିରେ ସଲମାନ ଖାଁ, ଅନୀଲ କପୁର, ଫରଦିନ ଖାଁ, ବିପାଶା ବସୁ, ସେଲିନା ଜେଟଲି, ଇଶା ଦେଓଲ, ଲାରା ଦତ୍ତା ପ୍ରମୁଖ କଳାକାର ଅଭିନୟ କରିଥିଲେ। ଏବେ ବୋନି ଏହାର ସିକୁଏଲ ନିର୍ମାଣ କରୁଛନ୍ତି, ଯାହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ଟାଇଟଲ ରହିଛି 'ନୋ ଏଣ୍ଟ୍ରି ମେଁ ଏଣ୍ଟ୍ରି'। ଏଥିରେ ସଲମାନଙ୍କ ସହ ଦଶ ଜଣ ନାୟିକାଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଆନିସ୍ ବାଜ୍‌ମୀ। ବର୍ତ୍ତମାନ ସଲମାନ ତିନୋଟି ପ୍ରୋଜେକ୍ଟକୁ ନେଇ ବ୍ୟସ୍ତ ଅଛନ୍ତି। ସେ ଅଭିନୟ କରିଥିବା 'ଟାଇଗର–୩' ଏବଂ 'କଭି ଇଦ୍ କଭି ଦିୱାଲି' ରିଲିଜ ଅପେକ୍ଷାରେ ରହିଛି ଏବଂ ଶାହରୁଖ ଅଭିନୀତ 'ପଠାନ୍'ରେ ସେ ଏକ କେମିଓ ଭୂମିକାରେ ଦେଖିବାକୁ ମିଳିବେ।



ସୋନାକ୍ଷୀ



ସଲମାନ

# ଟେନସନ୍‌ରେ ଜାହ୍ନବୀ

ଜାହ୍ନବୀ କପୁରଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି ସେ। ଅନ୍ୟପକ୍ଷରେ ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ମଧ୍ୟ ସେ ଫିମେଲ ଲିଡ୍‌ରେ ଅଭିନୟ କରିବେ ବୋଲି ଜଣାପଡିଛି। ଏପରି ସୁଯୋଗ ସମ୍ପର୍କରେ ସେ କହନ୍ତି, 'ଏହା ଏକ ନୂଆ ବ୍ୟାନର। ପ୍ରଯୋଜକ ମଧ୍ୟ ନୂଆ। ହେଲେ ତିନୋଟିଯାକ ଫିଲ୍ମର କାହାଣୀ ବହୁତ ଭଲ ଏବଂ ସବୁ କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ମୁଁ ଗ୍ରହଣ କରିଛି। ଏଗୁଡିକର ଶୁଟିଂ ନିୟମିତ ସମୟ ଅନ୍ତରାଳରେ ହେବ। ତେଣୁ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ।'



ଜାହ୍ନବୀ

# ପ୍ରଥମ ଉପାର୍ଜନ ମା’କୁ ଦେଇଥିଲି

## ପ୍ରଥମ ରୋଜଗାର



ଶିକ୍ଷାବିତ୍ ତଥା କବି **ଡ. ନନ୍ଦକିଶୋର ବିଶ୍ୱାଳ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କେନ୍ଦୁଝରର ଶାସଙ୍ଗ ଗାଁରେ ମୋ ଜନ୍ମ। ଗାଁ ସ୍କୁଲ୍‌ରେ ପଞ୍ଚମ ପର୍ଯ୍ୟନ୍ତ ପଢ଼ିଛି। ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷା ଦେଲି। ବୃତ୍ତି ପାଇଛି ବୋଲି ସ୍କୁଲ୍‌ରୁ ଜାଣି ବହୁତ ଖୁସି ହୋଇଥିଲି। କିନ୍ତୁ ସେ ଖୁସି ଥିଲା ପାଣିଫୋଟକା। ପରଦିନ ଖବର ପାଇଲି, ଲିଷ୍ଟରେ ମୋ ନାଁ ନାହିଁ। ତଥାପି ଆତ୍ମବିଶ୍ୱାସ ହରାଇ ନଥିଲି। ଚେଷ୍ଟା ଜାରି ରଖିବାରୁ ପୁଣି ସପ୍ତମରେ ବୃତ୍ତି ପାଇଲି। କିନ୍ତୁ ୪ ବର୍ଷ ପାଇଁ ବୃତ୍ତି ପାଇବାର ଯୋଗ୍ୟତା ଧରି ମୋର ହାଟଡିହୀ ହାଇସ୍କୁଲ୍‌ରୁ ପଢ଼ା ଶେଷ ହୋଇଗଲା ଆଉ ମୁଁ ଭଦ୍ରକ କଲେଜରେ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ର ଭାବେ ଅଧ୍ୟୟନ କରିବାକୁ ଲାଗିଲି। ସେତେବେଳେ ଭଦ୍ରକ କଲେଜର ଶୈକ୍ଷିକ ଓ ସାଂସ୍କୃତିକ ପରିବେଶ ଥିଲା ନିଆରା। ‘ତରୁଣ ସାହିତ୍ୟ ସଂସଦ’ ନାମରେ ଗଠିତ ହୋଇଥିଲା ଏକ ଅନୁଷ୍ଠାନ; ଯେଉଁଠି ସାହିତ୍ୟପ୍ରେମୀ, ବିଶେଷତଃ କବିତାପ୍ରେମୀ ଛାତ୍ରୀଛାତ୍ରମାନେ ପ୍ରତି ଶନିବାର ସନ୍ଧ୍ୟାରେ ଏକାଠି ହୋଇ ସ୍ୱରଚିତ କବିତା ପାଠ କରୁଥିଲେ। ମୁଁ ସେ ସାହିତ୍ୟ ସଂସଦର ଜଣେ ନିୟମିତ ସକ୍ରିୟ ସଭ୍ୟ ଥିଲି। ଦିନେ ଏକ ଶୀତୁଆ ସଞ୍ଜରେ ସଭା ଆରମ୍ଭ ହେବା ପୂର୍ବରୁ ମୁଁ ପାଠ ପଢ଼ିଥିବା ହାଟଡିହୀ ହାଇସ୍କୁଲ୍‌ର ଜଣେ କର୍ମଚାରୀ ପହଞ୍ଚି ୪ ବର୍ଷର ସ୍କଲାରଶିପ୍ ବାବଦରେ ୭୨୦ ଟଙ୍କା ସୋମବାର ଦିନ ସ୍କୁଲ୍‌କୁ ଯାଇ ନେଇ ଆସିବାକୁ ମୋତେ କହିଲେ। ଏହା ଶୁଣି ମୋ ମନ ବଡ଼ ଚଞ୍ଚଳ ହୋଇଯାଇଥିଲା ଏବଂ ମୁଁ ସ୍ଥିର ରହି କବିତା ପାଠ କରି ପାରି ନ ଥିଲି। ବେଶ୍ ଉତ୍ସାହର ସହ ଅପେକ୍ଷା କରିଥିଲି ସୋମବାର କେତେ ଶୀଘ୍ର ଆସିବ। ସୋମବାର ଦିନ ସ୍କୁଲ୍‌କୁ ଯାଇ ସ୍କଲାରଶିପ୍ ଟଙ୍କା ଆଣି ମା’କୁ ଦେବାରୁ ସେ କିଛି ସମୟ ପାଇଁ ଭାବପ୍ରବଣ ହୋଇଯାଇଥିଲା। ପରେ ପ୍ରକୃତିସ୍ଥ ହୋଇ ନିଜ ପାଖେ କିଛି ଟଙ୍କା ରଖି ବାକିତକ ମୋତେ ଦେଇଥିଲା ପଢ଼ା ବହି କିଣିବାକୁ। ବହି କିଣୁକିଣୁ ସେଥିରେ ମିଶେଇ ଦେଇଥିଲି ଗୁରୁପ୍ରସାଦ ମହାନ୍ତିଙ୍କ କବିତା ସଂକଳନଟିଏ। କାରଣ କବିତା ପ୍ରତି ସେତେବେଳେ ମୋର ଢେର୍ ଆଗ୍ରହ ଥିଲା ଆଉ ଏବେ ବି ରହିଛି। ଭଦ୍ରକ କଲେଜରୁ ଗ୍ରାଜୁଏଶନ୍ ପରେ ବାଣୀବିହାରରେ ଇଂଲିଶରେ ଏମ୍.ଏ. ଏବଂ ପରେ ଏମ୍.ଫିଲ୍ ଓ ପିଏଚ୍.ଡି କରିଥିଲି। ତେବେ ଏମ୍.ଏ. ପାସ୍ କରିବା ପରେ ମହର୍ଷି କଲେଜରେ ଆରମ୍ଭ ହୋଇଥିଲା ମୋର ବୃତ୍ତିଗତ ଜୀବନ। ଉକ୍ତ କଲେଜରେ ଅଧ୍ୟାପନା କରିବା ସମୟରେ ଏକ ଶକ୍ତିଶାଳୀ ମ୍ୟାନେଜମେଣ୍ଟ ସହ ଲଢ଼ି କଲେଜ ବନ୍ଦ କରିଦେବା ନିଷ୍ପତ୍ତିକୁ ବଦଳେଇବା ପଛରେ ମୁଁ ଥିଲି ଏକ ଲଢୁଆ ସୈନିକ। ମୁଣ୍ଡ ନ ନୁଆଁଇ ସଂଘର୍ଷରେ କେମିତି ଜୀବନ ଜିଇବାକୁ ହୁଏ, ସେ କଳା ମୁଁ ଏଇଠି ଶିଖିଥିଲି। ପ୍ରାୟ ୧୦ ବର୍ଷ ଏହି କଲେଜରେ କାମ କରିବା ପରେ ଖୋର୍ଦ୍ଧା ପି.ଏନ୍. କଲେଜକୁ ମୋର ବଦଳି ହେଲା। ଏଠାରେ ଅଧ୍ୟାପନା କରୁଥିବା ସମୟରେ ବେଶି ମାତ୍ରାରେ କବିତା ଲେଖିବାକୁ ସମୟ ପାଇଥିଲି। ସେତେବେଳେ ପ୍ରାୟତଃ ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ମୋର କବିତା ପ୍ରକାଶ ପାଉଥିଲା। ଏଥିସହିତ ଆକାଶବାଣୀ କଟକରୁ ଡକରା ପାଇ ଅନେକ ଥର କବିତା ପାଠ ବି କରିଥିଲି ସେଠାରେ। ସେ ସମୟର ଏକ ଘଟଣା ଏବେ ବି ମନେ ପଡିଲେ ହସ ଲାଗେ। ସେତେବେଳେ ମୁଁ କବିତା ଲେଖିସାରି ତଳେ ମୋ ନାଁ ଓ ଠିକଣା ପାଇଁ ପ୍ରାଣନାଥ କଲେଜ, ଖୋର୍ଦ୍ଧା ବୋଲି ଲେଖେ। ମୋ ପଦବୀ କେବେ ବି ଲେଖୁ ନ ଥିଲି। ଦିନେ ଚିଠିଟିଏ ପାଇଲି। ଜଣେ ବିଦଗ୍ଧ ପାଠକ ମୋ କବିତାର ପ୍ରଶଂସା କରି ଚିଠିଟିଏ ଲେଖିଥିଲେ। କିନ୍ତୁ ତାଗିଦ୍ କରିବା ଢଙ୍ଗରେ ଲେଖିଥିଲେ: ‘ଆପଣ କ’ଣ ସେ କଲେଜରେ ପିଅନ, ନା କିରାଣି, ନା ବିଜ୍ଞାନାଗାରର ସହକାରୀ ନା ଅନ୍ୟ କିଛି ?’ ବାସ୍ ତା’ପରଠୁ ମୋ ପଦବୀ ଲେଖିବାଟା ଅଭ୍ୟାସରେ ପରିଣତ ହୋଇଗଲା। ତେବେ ୨୦୧୯ରୁ ବରିଷ୍ଠ ପ୍ରାଧ୍ୟାପକ ଭାବେ ଚାକିରିରୁ ଅବସର ନେଇସାରିଥିଲେ ବି କବିତା ଲେଖିବାର ଧାରା ମୋର ଆଜିଯାଏ ବି ଜାରି ରହିଛି।

*–ଅନ୍ୱିତା*

## ସାଥୀ

# ପହିଲି ଇସାରାର ସୁଆଦ ମିଠା, ସହଜେ ଛାଡେନା ପ୍ରେମର ଅଠା



**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ଏବେ ମୋତେ ଏମିତି ଲାଗୁଛି ଯେ ସେହି ପ୍ରଥମ ଦେଖାରେ ହିଁ ମୁଁ ତା’ ପ୍ରେମରେ ପଡିଯାଇଛି। ଏବେ ଆଗକୁ ଆଗେଇବା ଠିକ୍ ହେବ ତ ?

*–ସୁକାନ୍ତ ନାୟକ, ବାଲେଶ୍ୱର*

**ଉତ୍ତର :** ସେହି ତରୁଣୀର ପ୍ରଥମ ହସରେ ଆପଣଙ୍କ ମନ ବନ୍ଧା ପଡିଯାଇଛି ନୁହେଁ? କାରଣ ‘ପହିଲି ଇସାରାର ସୁଆଦ ମିଠା, ସହଜେ ଛାଡେନା ପ୍ରେମର ଅଠା’। ତେଣୁ ଯଦି ସେହି ହସରୁ ପ୍ରେମର ଝଲକ ପାଉଛନ୍ତି ଆଉ ସେପଟୁ ରାସ୍ତା କ୍ଲିୟର ଲାଗୁଛି ତେବେ ବିଳମ୍ବ କରୁଛନ୍ତି କିଆଁ ? ସମୟ ସୁବିଧା ଦେଖି ସେହି ସୁନ୍ଦରୀ ଠାରେ ବହି ଫିଟ୍ କରିଦିଅନ୍ତୁ। କାରଣ ପ୍ରେମର ରଙ୍ଗ କେତେବେଳେ ବଦଳି ଯିବ ତାହା କଳ୍ପନା କରିବା କଷ୍ଟକର। ତେଣୁ ଅବସ୍ଥା ଦେଖି ତୁରନ୍ତ ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–କେତେ କଷ୍ଟରେ ଜଣେ ଝିଅକୁ ପଟେଇଥିଲି। ହେଲେ ସେ ଅଧା ବାଟରେ ମୋତେ ଧୋକା ଦେଇ ଚାଲିଗଲା। ତା’ପରେ କେତେ ଜଣ ସୁନ୍ଦରୀଙ୍କୁ ପ୍ରେମ ନିବେଦନ କରିସାରିଲିଣି। ହେଲେ କିଛି ଫଳ ହେଉନି। ମୁଁ କ’ଣ ମନ ପସନ୍ଦର ପ୍ରେମିକା ପାଇବି ନାହିଁ ?

*–ପ୍ରଦୀପ କୁମାର, ରାଉରକେଲା*

**ଉତ୍ତର:** ପ୍ରେମର ଅସଲ ବର୍ଣ୍ଣବୋଧକୁ ପ୍ରଥମେ ଭଲ ଭାବରେ ମୁଖସ୍ଥ କରନ୍ତୁ। ତରବର ହୋଇ ଏହି ରାସ୍ତାରେ ଆଗେଇଲେ ବାଟରେ ଧୋକା ଖାଇବାର ଯଥେଷ୍ଟ ଚାନ୍ସ ଅଛି। ପ୍ରଥମ ପ୍ରେମରୁ ଧୋକା ପାଇବା ପରେ ନିଶ୍ଚୟ କିଛି ଶିଖିଥିବେ। ସେହି ସମୟର ତ୍ରୁଟିକୁ ପ୍ରଥମେ ସଂଶୋଧନ କରନ୍ତୁ। ନ ହେଲେ ପୁଣି ଥରେ ସେହିପରି ପରିସ୍ଥିତିର ସାମନା କରିବାର ସମ୍ଭାବନା ରହିଛି। ଦେଖୁନାହାନ୍ତି, ତା’ପରେ କେତେଜଣ ତରୁଣୀଙ୍କୁ ପ୍ରେମ ନିବେଦନ କରିସାରିଲେଣି। ହେଲେ ଫଳ ‘ଶୂନ’ ହେଉଛି। ତେଣୁ ଠିକ୍ ତରିକାରେ ପ୍ରେମ କରନ୍ତୁ। ଏହାପରେ ପ୍ରେମର ସ୍ୱାଦ କିପରି ରସଗୋଲା ପରି ମିଠା ନିଜେ ଅନୁଭବ କରିପାରିବେ।

**ପ୍ରଶ୍ନ**– ସାଙ୍ଗ କଥାରେ ପଡ଼ି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ପ୍ରଶାନ୍ତ ସାହୁ, କଟକ*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି ‘ଗତସ୍ୟ ଶୋଚନା ନାସ୍ତି’। ତେଣୁ ସେପରି ପ୍ରେମକୁ ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ତା’ ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ’ଣ ପ୍ରେମ ଲୁଚି ରହିଛି ?

*–ତପନ କୁମାର, ବଲାଙ୍ଗୀର*

**ଉତ୍ତର:** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରିବାର କିଛି କାରଣ ନାହିଁ। କାରଣ ‘ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା’। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା’ ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

# ବନ୍ଧୁ ମହାନ୍ତିଙ୍କ କଥା



ଯୁଗେ ଯୁଗେ ଭଗବାନ ଭକ୍ତର । ଯିଏ ନିଷ୍ଠାରେ, ଭକ୍ତିରେ ନିଜକୁ ସମର୍ପିତ କରେ ପରମ କାରୁଣିକ ପ୍ରଭୁ ପତିତ ପାବନ ତାଙ୍କୁ ନିଜ ଚରଣରେ ଆଶ୍ରୟ ଦିଅନ୍ତି । ଦରିଦ୍ର ସୁଦାମାର ଖୁଦମୁଠା ପାଇଁ ପ୍ରଭୁ ବ୍ୟାକୁଳ ହୋଇଛନ୍ତି । ଦାସିଆ ବାଉରୀଠାରୁ ନଡ଼ିଆ ଗ୍ରହଣ କରିଛନ୍ତି । ଭକ୍ତ ବଳାରାମ ଦାସଙ୍କର ବାଲିରଥରେ କାଳିଆ ସାଆନ୍ତ ବିଜେ କରିଛନ୍ତି । ସେହିପରି ବିଶ୍ୱ ଠାକୁରଙ୍କର ଆଉ ଜଣେ ପରମ ଭକ୍ତ ଥିଲେ ଦିବ୍ୟସିଂହ ମହାପାତ୍ର, ଯିଏକି ପରବର୍ତ୍ତୀ ସମୟରେ ବନ୍ଧୁ ମହାନ୍ତି ଭାବେ ପରିଚିତ ହୋଇଥିଲେ । ଆଜକୁ ପ୍ରାୟ ୬୦୦ ବର୍ଷ ପୂର୍ବେ ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ ପ୍ରାଚୀନ ତନ୍ତ୍ରପୀଠ ଯାଜପୁରରୁ ପ୍ରାୟ ୩୦ କିମି ଦୂରରେ ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଥିବା ଦଉପୁର ଗ୍ରାମରେ ଏହି ମହାମାନବ ନିଜର କର୍ମମୟ ଜୀବନ କାଟୁଥିଲେ । ଏହା ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି । କିମ୍ବଦନ୍ତୀ ଅନୁସାରେ, ଦିବ୍ୟସିଂହ ଖୋର୍ଦ୍ଧାଗଡ ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପିତା ଥିଲେ ଶ୍ୟାମ ସୁନ୍ଦର ହରିଚନ୍ଦନ ମହାପାତ୍ର ଓ ମାତା ଅପର୍ଣ୍ଣା ଦେବୀ । କିନ୍ତୁ ସେମାନେ ପ୍ରଥମେ ଯାଜପୁର ସନ୍ନିକଟ ଯୋଗେଶ୍ୱରରେ ଅବସ୍ଥାନ କରିଥିଲେ ଏବଂ ପରେ କୌଣସି କାରଣରୁ ଦଉପୁରକୁ ଚାଲିଆସିଥିଲେ । ତେଣୁ ବିଭିନ୍ନ ତଥ୍ୟ, ଲିଖିତ ଦସ୍ତାବିଜରୁ ବନ୍ଧୁ ମହାନ୍ତିଙ୍କ ବାସସ୍ଥାନ ଦଉପୁର ବୋଲି ପ୍ରମାଣ ମିଳେ । ତେବେ ମାତାପିତାଙ୍କ ଉତାରେ ଦିବ୍ୟସିଂହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ପତ୍ନୀ ମାଳତୀ, ପୁତ୍ର ଶ୍ୟାମ ସୁନ୍ଦର ଓ ୨ କନ୍ୟା ଲକ୍ଷ୍ମୀ, ସରସ୍ୱତୀଙ୍କୁ ନେଇ ତାଙ୍କ ସଂସାର ରଥ ଗଡି ଚାଲୁଥିଲା । ଦିବ୍ୟସିଂହ କୃଷ୍ଣ ନାମ ଜପ କରିବା ବ୍ୟତୀତ ଅନ୍ୟକିଛିରେ ମନ ଦେଉ ନ ଥିଲେ । ଜଗତରନାଥ ଜଗନ୍ନାଥଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତିଥିଲା । ଶୟନେ, ସପନେ, ଜାଗରଣେ କେବଳ ସେ ବଡ଼ଠାକୁରଙ୍କୁ ଦେଖୁଥିଲେ । ନିଜ ଘର ପାଖରେ ବାଉଁଶ ନିର୍ମିତ ଠାକୁରବାଡି ପ୍ରତିଷ୍ଠା କରି କାଳିଆ ସାଆନ୍ତଙ୍କ ଛୋଟ ଦାରୁ ମୂର୍ତ୍ତିଟିଏ ରଖି ସେ ପୂଜାର୍ଚ୍ଚନା କରୁଥିଲେ । ଠାକୁରଙ୍କ ସେବାରେ ନିଜକୁ ନିୟୋଜିତ କରି ସତେ ଯେମିତି ପରିବାରକୁ ଭୁଲିଯାଇଥିଲେ । କଥିତ ଅଛି ଭକ୍ତଙ୍କୁ ପରୀକ୍ଷା କରିବା ପାଇଁ ଭଗବାନ ସେହି ଅଞ୍ଚଳରେ ଦୁର୍ଭିକ୍ଷ ରଚନା କଲେ । ମାସ ମାସ ଧରି ମିଳିଲାନି ଖାଦ୍ୟ । ଭୋକ ଉପାସରେ ଆଉଟୁ ପାଉଟୁ ହୋଇ ପତ୍ନୀ ମାଳତୀ ତାଙ୍କ ବନ୍ଧୁଙ୍କୁ ନିଜର ଅସୁବିଧା ସମ୍ପର୍କରେ ଜଣାଇବାକୁ ସ୍ୱାମୀଙ୍କୁ ଅନୁରୋଧ କଲେ । ଏଥର ନିଜ ବଡ଼ଦେଉଳିଆ ବନ୍ଧୁଙ୍କୁ ସାକ୍ଷାତ୍ କରିବାକୁ ନିଜ ପିଲାଛୁଆଙ୍କୁ ଧରି ଶ୍ରୀକ୍ଷେତ୍ରକୁ ବାହାରିଲେ ଦିବ୍ୟସିଂହ । ବନ୍ଧୁଙ୍କୁ ସାକ୍ଷାତ୍ କରିବାର ଉତ୍ସାହ ତାଙ୍କ ପଥଚଲା କଷ୍ଟ ଦୂର କରିଥିଲା । ୫ ଦିନ ପରେ ରାତିରେ ସପରିବାର ପହଞ୍ଚିଲେ ବଡ଼ଦାଣ୍ଡରେ । ପହଞ୍ଚିବାର କିଛି ସମୟ ପୂର୍ବରୁ ବଡ଼ଦେଉଳର ସିଂହଦ୍ୱାରରେ ଭିଡ଼ ଲାଗିଥିଲା । ପୂର୍ବରୁ ପରିବାର ଲୋକେ ଦିବ୍ୟସିଂହଙ୍କ ବନ୍ଧୁଙ୍କ ବିଷୟରେ ଜାଣି ନ ଥିଲେ । କାହିଁଗଲେ ବନ୍ଧୁ ବୋଲି ପତ୍ନୀଙ୍କ ପ୍ରଶ୍ନରେ ମ୍ରିୟମାଣ ନ ହୋଇ ଦିବ୍ୟସିଂହ କହିଥିଲେ ମୋ ବନ୍ଧୁ ବହୁତ ବଡ଼ଲୋକ, ସେ ଶୋଇ ପଡିଲେଣି, ସକାଳେ ତାଙ୍କୁ ଦେଖା ମିଳିବ । ଦକ୍ଷିଣ ଦ୍ୱାର ନିକଟରେ ସମସ୍ତେ ଭୋକରେ ଶୟନ କରିଥିଲେ । ଦିବ୍ୟଅନ୍ନ ସହ ବିଭିନ୍ନ କିସମର ବ୍ୟଞ୍ଜନ, ଖିରି, ମହୁର ଆଦି ପ୍ରଭୁଙ୍କ ରତ୍ନ ଥାଳିରେ ସ୍ୱୟଂ ଜଗନ୍ନାଥ ଜଣେ ସେବାୟତ ବେଶରେ ଆଣି ବନ୍ଧୁ ମହାନ୍ତିଙ୍କୁ ନିଦରୁ ଉଠାଇ ଖାଇବାକୁ ଦେଲେ । ପ୍ରଭାତରେ ଉକ୍ତ ରତ୍ନଥାଳିଟିକୁ ବନ୍ଧୁ ମହାନ୍ତିଙ୍କ ମୁଣ୍ଡ ତଳେ ଥିବାର ଦେଖି ପଣ୍ଡାମାନେ ତାଙ୍କୁ ଚୋର ବୋଲି କହି ମାଡ଼ ମାରିବା ସହ ତାଙ୍କୁ ରାଜାଙ୍କ ବନ୍ଦୀଶାଳାରେ ନେଇ ରଖିଲେ । କିନ୍ତୁ ପ୍ରଭୁଙ୍କର ସ୍ୱପ୍ନାଦେଶ ପାଇ ରାଜା ପ୍ରତାପରୁଦ୍ର ଦେବ ନିଜେ ବନ୍ଦୀଶାଳାକୁ ଯାଇ ବନ୍ଧୁ ମହାନ୍ତିଙ୍କୁ ମୁକ୍ତି ଦେବା ସହ ତାଙ୍କ ପରିଚର୍ଯ୍ୟା ପୂର୍ବକ ସମସ୍ତ ବନ୍ଦୋବସ୍ତ କଲେ । ଦକ୍ଷିଣ ଦ୍ୱାର ନିକଟରେ ସ୍ଥାୟୀ ଗୃହ ନିର୍ମାଣ କରାଇବା ସହ ପ୍ରତିଦିନ ରତ୍ନ ଥାଳିରେ ଖାଦ୍ୟ ଦେବା ବ୍ୟବସ୍ଥା କରାଇଲେ । ଏଥିସହିତ ରାଜା ଦିବ୍ୟସିଂହଙ୍କୁ ବନ୍ଧୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାପାଇଁ କେଉଁକାର୍ଯ୍ୟ କରିବେ ବୋଲି ପ୍ରଶ୍ନ କରିବାରୁ ସେ କହିଲେ– ମୁଁ ପ୍ରତିଦିନ ସକାଳୁ ଖରଶୋଧ ଦାୟିତ୍ୱ ତୁଲାଇବି । ଅର୍ଥାତ୍ ସବୁଦିନ ଭକ୍ତଙ୍କ ପାଦ ଧୂଳିକୁ ସାଉଁଟିବା କାର୍ଯ୍ୟ କରିବାକୁ ତାଙ୍କୁ ଅନୁମତି ଦେବାକୁ ସେ ରାଜାଙ୍କୁ ନିବେଦନ କଲେ । ଅଦ୍ୟାବଧି ସେହିକାର୍ଯ୍ୟ ବଂଶାନୁକ୍ରମରେ ଚାଲୁଥିବା ସୂଚନା ରହିଛି ।







ସେହିପରି ତଥ୍ୟ ଅନୁଯାୟୀ, ବନ୍ଧୁ ମହାନ୍ତି ଶ୍ରୀକ୍ଷେତ୍ରରୁ ରାଧାମାଧବଙ୍କ ମୂର୍ତ୍ତି ଆଣି ପୂର୍ବରୁ ଦଉପୁରରେ ନିର୍ମିତ ଏକ ଝାଟିମାଟି ଘରେ ଅବସ୍ଥାନ କରାଇଥିଲେ । ପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା ପାଇଁ ସେ କେନ୍ଦ୍ରାପଡ଼ା ଜିଲା ନମତରା ଗାଁରୁ ବିପ୍ର ଚରଣ ଦାଶ ନାମକ ଜଣେ ବ୍ରାହ୍ମଣ ପିଲାକୁ ଆଣି ଘରବାଡ଼ି ଯୋଗାଇବା ସହ ରାଧାମାଧବଙ୍କ ବିଜେସ୍ଥଳୀରେ ଠାକୁରଙ୍କ ନାମରେ କିଛି ଜାଗା ବି ପଞ୍ଜୀକୃତ କରାଇଥିଲେ । ଏଥିସହିତ ପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ବୁଝିବାକୁ ଭଦ୍ରକ ଜିଲା ବାତୋଳ ଗ୍ରାମର ରାଧାଚରଣ ଦାସ ନାମକ ଜଣେ ବୈଷ୍ଣବଙ୍କୁ ମଧ ଜଳଜମି ପ୍ରଦାନ କରି ଥଇଥାନ କରାଇଥିଲେ । ତେଣୁ ଦଉପୁର ଗ୍ରାମ ଶ୍ରୀଶ୍ରୀ ରାଧାମାଧବ ଜୀଉଙ୍କ ପୀଠସ୍ଥଳୀ ଭାବେ ଏବେ ପରିଚିତ । ଏଠାରେ ବାରମାସରେ ତେରଯାତ ପାଳିତ ହୋଇଥାଏ । ଗହ୍ମା ପୂର୍ଣ୍ଣିମା, ରାହାସ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଏଠାକାର ମୁଖ୍ୟ ପର୍ବ । ଏସବୁ ପର୍ବରେ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ତେବେ ଏହି ପୀଠରେ କେବଳ ଶ୍ରୀ ରାଧାମାଧବଙ୍କ ମୂର୍ତ୍ତି ଦେଖିବାକୁ ମିଳେ ତାହା ନୁହେଁ, ଗୋପୀନାଥ ଜୀଉ ଏବଂ ଶ୍ରୀରାଧାଙ୍କ ଏକ ମୂର୍ତ୍ତି ବି ଏଠାରେ ପୂଜା ପାଇଥାଏ । ସେହିପରି ବନ୍ଧୁ ମହାନ୍ତିଙ୍କ ଦ୍ୱାରା ନିର୍ମିତ ଏକ ଚଉଁରା ଏବେ ବି ସେଠାରେ ରହିଥିବା ଦେଖିବାକୁ ମିଳିଥାଏ । ତେବେ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଆଜକୁ ପ୍ରାୟ ୨୫୦ ବର୍ଷ ତଳେ ଦଉପୁରର ପଡ଼ୋଶୀ ଗାଁ ଦେଓ୍ୱାନ ପାଟଣାର କଡ଼ାକି ପରିଡା ନାମକ ଜଣେ ବ୍ୟକ୍ତି ; ଯିଏକି ମଣିପୁର ରାଜାଙ୍କ ସେବାକାର୍ଯ୍ୟ ତୁଲାଉଥିଲେ । ବାର୍ଦ୍ଧକ୍ୟରେ ଉପନୀତ ହେବାରୁ ଉକ୍ତ ରାଜା ତାଙ୍କୁ ତାଙ୍କ ଗ୍ରାମକୁ ପଠାଇବାର ବ୍ୟବସ୍ଥା କରିବା ସହ ପୁରସ୍କାରରେ କ'ଣ ନେବାକୁ ଚାହଁ ବୋଲି ପଚାରିବାରୁ, କଡାକି କହିଥିଲେ– ଯଦି ଆପଣ ଶପଥ କରିବେ, ତା'ହେଲେ ମୁଁ କିଛି ମାଗିବି । ରାଜା ଶପଥ କରିବାରୁ ସେ ରାଜାଙ୍କର ଆରାଧ ଦେବତା ଶ୍ରୀ ଗୋପୀନାଥ ଜୀଉଙ୍କୁ ସାଙ୍ଗରେ ଆଣିବାକୁ ଇଚ୍ଛା କଲେ । ରାଜା ବିଚଳିତ ହୋଇଗଲେ ; ହେଲେ ସତ୍ୟ ରକ୍ଷା କରିବାକୁ ବାଧହୋଇ ନିଜ ପ୍ରଭୁଙ୍କୁ କଡାକିଙ୍କୁ ପ୍ରଦାନ କରିଥିଲେ ହେଁ ଶ୍ରୀରାଧାଙ୍କୁ କିନ୍ତୁ ଦେଇ ନ ଥିଲେ । ପରେ ରାଜା ଆଉ ଏକ ଗୋପୀନାଥ ମୂର୍ତ୍ତି ଆଣି ଶ୍ରୀରାଧାଙ୍କ ପାଖରେ ପ୍ରତିଷ୍ଠା କରାଇଥିଲେ ; ଯାହାକି ଆଜି ବି ମଣିପୁର ରାଜ ଦରବାରରେ ଦୃଶ୍ୟମାନ ହୋଇଥାଏ । ଅନ୍ୟପକ୍ଷେ କଡ଼ାକି ରାଜାଙ୍କଠାରୁ ଆଣିଥିବା ଗୋପୀନାଥ ଜୀଉଙ୍କ ମୂର୍ତ୍ତିକୁ ଘରେ ରଖି ପୂଜାର ଆୟୋଜନ କରିଥିଲେ ହେଁ ଠାକୁର ସେଥିରେ ସନ୍ତୁଷ୍ଟ ନ ଥିଲେ । ବନ୍ଧୁ ମହାନ୍ତିଙ୍କ ଦ୍ୱାରା ନିର୍ମିତ ଦଉପୁର ଠାକୁରବାଡିରେ ତାଙ୍କୁ ଅବସ୍ଥାପିତ କରାଇବାକୁ ସେ ଦେଓ୍ୱାନି ପାଟଣା ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କୁ ସ୍ୱପ୍ନରେ କହିଲେ ; ଯଦ୍ୱାରା ପରବର୍ତ୍ତୀ ସମୟରେ ଶ୍ରୀ ଗୋପୀନାଥଙ୍କୁ ଦଉପୁରଠାରେ ଅବସ୍ଥାପିତ କରାଯାଇଥିଲା । ଏଥିସହିତ କାଶୀରୁ ଏକ ରାଧା ମୂର୍ତ୍ତି ଆଣି ପ୍ରଭୁ ଗୋପୀନାଥଙ୍କ ପାଖରେ ଦଉପୁରବାସୀ ଅବସ୍ଥାନ କରାଇଲେ । ଗୋପୀନାଥ ଜୀଉ ମହାପ୍ରଭୁ ଏବେ ଆଖପାଖ ୫୦ ଖଣ୍ଡ ଗ୍ରାମର ଆରାଧ ଦେବତା । ଶ୍ରଦ୍ଧାଳୁମାନେ ନିଜର ମାନସିକ ପୂରଣ ପାଇଁ ଏଠାକୁ ପ୍ରତିଦିନ ଧାଇଁ ଆସନ୍ତି । ଗୋପୀନାଥ ଜୀଉଙ୍କ ପାଇଁ ଗ୍ରାମବାସୀ ଏକ ଭବ୍ୟ ମନ୍ଦିର ମଧ ନିର୍ମାଣ କରିଛନ୍ତି । ତେବେ ବନ୍ଧୁ ମହାନ୍ତିଙ୍କ ଜନ୍ମପୀଠ ଦଉପୁରକୁ ଏକ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିବା ସହ ସେଠାରେ ବନ୍ଧୁ ମହାନ୍ତିଙ୍କର ଏକ ସ୍ମାରକୀ ସ୍ତମ୍ଭ ନିର୍ମାଣ କରାଇବାକୁ ଏବେ ସ୍ଥାନୀୟ ଗ୍ରାମବାସୀ ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



*–ଦୀପ୍ତି ରଞ୍ଜନ ନାୟକ*

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଦିବ୍ୟାଶ୍ରୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
କଷ୍ଟ୍ୟୁମ : ବେନୋରିଟା ଦାଶ, ମେକଅପ: ପ୍ରିୟାଂଶୁ
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ମୁଣ୍ଡ ବିନ୍ଧା

ସ୍ତ୍ରୀ ସ୍ୱାମୀଙ୍କୁ: ମୋର ଏବେ ସବୁବେଳେ ଅଧା ମୁଣ୍ଡ ବିନ୍ଧା ହେଉଛି। ଲାଗୁଛି ଡାକ୍ତରଙ୍କୁ ଦେଖେଇବାକୁ ପଡିବ।
ସ୍ୱାମୀ: ଡାକ୍ତରଙ୍କୁ କାହିଁକି ଦେଖେଇବ ? ଯାହାର ଯେତିକି ମୁଣ୍ଡ ଅଛି ସେତିକି ହିଁ ବିନ୍ଧିବ ନା।

## ଚାପୁଡା

ଝଗଡା ଲାଗିବାବେଳେ ସ୍ୱାମୀ ସ୍ତ୍ରୀକୁ ଚାପୁଡାଟେ ମାରିଦେଲେ। ଏଥିରେ ସ୍ତ୍ରୀ ମନ ଦୁଃଖ କରି କଥାବାର୍ତ୍ତା ବନ୍ଦ କରିବାରୁ ସ୍ୱାମୀ: ମୁଁ ତମକୁ ସେତିକି ଭଲ ପାଉଛି, ଆଉ ନିଜର ଭାବୁଛି ବୋଲି ତ ତୁମକୁ ମାରିଲି।
ସ୍ତ୍ରୀ ଦୁଇଟା ଶକ୍ତ ଚାପୁଡା ମାରି: ତମେ କ'ଣ ଭାବୁଛ ତମେ ଖାଲି ମତେ ଭଲ ପାଉଛ। ମୁଁ ଭଲ ପାଉନି।

## ପାପା

ବାପା ଝିଅକୁ: ତୁ ଆଗରୁ ମତେ ପାପା ଡାକୁଥିଲୁ। ମତେ ବହୁତ ଭଲ ଲାଗୁଥିଲା। ହେଲେ ଏବେ ଡାଡ୍ କାହିଁକି ଡାକୁଛୁ ?
ଝିଅ: ପାପା ଡାକିଲେ ମୋ ଲିପଷ୍ଟିକ ଖରାପ ହେଇ ଯାଉଛି। ସେଥିପାଇଁ ଏବେ ଡାଡ୍ ଡାକୁଛି।

# ଓଡ଼ିଶା ବାହାରେ ଜଗନ୍ନାଥ ମନ୍ଦିର





**ଜଗତରନାଥ ଶ୍ରୀଜଗନ୍ନାଥଙ୍କର ମହିମା କାହାକୁ ବା ଅଗୋଚର। ତାଙ୍କର ଆଶିଷ ଟିକେ ପାଇବାକୁ ଆଉ ତାଙ୍କର ଦର୍ଶନ ଟିକେ ଲଭିବାକୁ ପ୍ରତିଦିନ ଦେଶବିଦେଶରୁ ଭକ୍ତଗଣ ତାଙ୍କ ବଡ଼ଦେଉଳକୁ ଧାଇଁ ଆସନ୍ତି। ପୁରୀ ଜଗନ୍ନାଥ ମନ୍ଦିର ଆଉ ପୁରୀ ରଥଯାତ୍ରାର ପ୍ରସିଦ୍ଧି ସମଗ୍ର ବିଶ୍ୱରେ କାହିଁରେ କେତେ ରହିଛି। ହେଲେ ପୁରୀ ଛଡ଼ା ଆହୁରି ବି ଅନେକ ସ୍ଥାନରେ ଅଛି ଜଗନ୍ନାଥ ମନ୍ଦିର ଏବଂ ସେଠାରେ ବି ପାଳିତ ହେଉଛି ରଥଯାତ୍ରା। ତେଣୁ ଏଥରର ଏହି ଆଲେଖ୍ୟରେ ଆସନ୍ତୁ ଜାଣିବା ଓଡ଼ିଶା ବାହାରେ ଥିବା କେତୋଟି ଲୋକପ୍ରିୟ ଜଗନ୍ନାଥ ମନ୍ଦିର ସମ୍ପର୍କରେ...**





✲ **ରାଞ୍ଚି ଜଗନ୍ନାଥ ମନ୍ଦିର:** ରାଞ୍ଚିସ୍ଥିତ ଜଗନ୍ନାଥ ମହାପ୍ରଭୁଙ୍କର ଏହି ମନ୍ଦିରଟି ୧୬୯୧ ମସିହାରେ ଠାକୁର ଅନି ନାଥ ଶାହଦେଓଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଉକ୍ତ ମନ୍ଦିରଟି ସ୍ଥାନୀୟ ଏକ ପାହାଡ ଉପରେ ଅବସ୍ଥିତ, ଯାହାର ଉଚ୍ଚତା ପାଖାପାଖି ୫୦ ରୁ ୬୦ ମିଟର ଭିତରେ ହେବ। ପୁରୀ ଜଗନ୍ନାଥ ମନ୍ଦିରକୁ ଲକ୍ଷ୍ୟ କରି ଏହି ମନ୍ଦିରଟିକୁ ଅବିକଳ ଗଢିବାକୁ ସେତେବେଳେ ବହୁ ଚେଷ୍ଟା କରାଯାଇଥିଲା। ନିର୍ମାଣ କାଳରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଉକ୍ତ ମନ୍ଦିରଟିର ସଂରଚନାକୁ ନେଇ ଅନେକ ପରୀକ୍ଷାନିରୀକ୍ଷା କରାଯାଇସାରିଲାଣି। ଏପରିକି ୧୯୯୦ ମସିହାରେ ଏହି ମନ୍ଦିରଟିର କିଛି ଅଂଶ ଭାଙ୍ଗି ଯିବାରୁ ୧୯୯୨ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ମଧ କରାଯାଇସାରିଛି। ପୁରୀ ରଥଯାତ୍ରା ପରି ଏଠାରେ ବି ପ୍ରତ୍ୟେକ ବର୍ଷ ଭବ୍ୟ ରଥଯାତ୍ରାର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ବିଭିନ୍ନ ସ୍ଥାନରୁ ଭକ୍ତଗଣ ଏଠାକୁ ଧାଇଁ ଆସିଥାନ୍ତି।

✲ **ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର:** ଆଧୁନିକ ବାସ୍ତୁକଳାରେ ନିର୍ମିତ ହାଇଦ୍ରାବାଦସ୍ଥିତ ଏହି ଜଗନ୍ନାଥ ମନ୍ଦିରଟି ତେଲେଙ୍ଗାନାର ଏକ ପ୍ରସିଦ୍ଧ ମନ୍ଦିର ଭାବେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ହାଇଦ୍ରାବାଦର ବଞ୍ଜାରା ହିଲ୍ସ ନିକଟରେ ରହିଛି ମହାପ୍ରଭୁଙ୍କର ଏହି ଭବ୍ୟ ମନ୍ଦିରଟି। ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ଏହି ମନ୍ଦିରରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ମଧ ପ୍ରତୀମା ଥିବାର ଦେଖିବାକୁ ମିଳେ। ଏଥିସହିତ ମାତା ଲକ୍ଷ୍ମୀ, ପ୍ରଭୁ ଶିବ, ଗଣେଶ, ହନୁମାନ ଓ ନବଗ୍ରହଙ୍କ ପାଇଁ ବି ଉକ୍ତ ମନ୍ଦିର ଭିତରେ ସ୍ୱତନ୍ତ୍ର ପୂଜାସ୍ଥଳୀର ବ୍ୟବସ୍ଥା ରହିଛି। ଏଠାରେ ବି ପ୍ରତିବର୍ଷ ବେଶ୍ ଧୁମ୍‌ଧାମ୍‌ରେ ରଥଯାତ୍ରା ପାଳନ କରାଯାଇଥାଏ। ତେବେ ପୁରୀ ଜଗନ୍ନାଥ ମନ୍ଦିର ପରି ଅବିକଳ ଦେଖିବାକୁ ହୋଇଥିବା ଏହି ମନ୍ଦିରର ଶିଖରଟିର ଆକର୍ଷଣୀୟ ଡିଜାଇନ ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

✲ **ଅହମଦାବାଦ୍ ଜଗନ୍ନାଥ ମନ୍ଦିର:** ଜମାଲପୁରଠାରେ ଥିବା ପ୍ରଭୁ ଜଗନ୍ନାଥଙ୍କର ଏହି ଭବ୍ୟ ମନ୍ଦିରଟି ଅହମଦାବାଦ୍‌ର ଏକ ଗୌରବଶାଳୀ ପ୍ରତୀକ ଭାବେ ବେଶ୍ ପ୍ରସିଦ୍ଧ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଆଜକୁ ପ୍ରାୟ ୪୫୦ ବର୍ଷ ତଳେ ସାଧୁ ସରଙ୍ଗଦାସଜୀଙ୍କ ଦ୍ୱାରା କୁଆଡ଼େ ଏହି ମନ୍ଦିରଟି ନିର୍ମାଣ କରାଯାଇଥିଲା। ଅବଶ୍ୟ ଯା' ଭିତରେ ମନ୍ଦିରଟିର ରକ୍ଷଣାବେକ୍ଷଣକୁ ନେଇ ତଥା ଡିଜାଇନ୍‌କୁ ନେଇ ଅନେକ କିଛି ପୁନଃନିର୍ମାଣ କାର୍ଯ୍ୟ କରାଯାଇସାରିଛି। ସେଥିପାଇଁ ଏବେ ବି ଉକ୍ତ ମନ୍ଦିରଟି ନୂଆ ଭଳି ଦେଖାଯାଇଥାଏ। ତା'ଛଡ଼ା ପ୍ରତିବର୍ଷ ଏଠାରେ ଖୁବ୍ ଜାକଜମକରେ ରଥଯାତ୍ରା ପାଳନ କରାଯାଇଥାଏ ; ଯାହା ବିଭିନ୍ନ ସ୍ଥାନର ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

✲ **ଦିଲ୍ଲୀସ୍ଥିତ ଜଗନ୍ନାଥ ମନ୍ଦିର :** ଦିଲ୍ଲୀରେ ବି ମହାପ୍ରଭୁ ଜଗନ୍ନାଥଙ୍କର ଏକ ଭବ୍ୟ ମନ୍ଦିର ଥିବାର ଦେଖାଯାଇଥାଏ ; ଯେଉଁଠାରେ ଜଗତରନାଥ ଜଗନ୍ନାଥଙ୍କୁ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଭୁଙ୍କର ପ୍ରତ୍ୟେକ ଦିନର ନୀତିକାନ୍ତି ଏଠାରେ ଖୁବ୍ ସୁନ୍ଦର ଭାବେ କରାଯିବା ସହ ପ୍ରତିବର୍ଷ ବେଶ୍ ଆଡମ୍ବର ସହକାରେ ଏଠି ରଥଯାତ୍ରା ବି ପାଳନ କରାଯାଇଥାଏ ; ଯାହାକୁ ଦେଖିବାକୁ ଭକ୍ତଗଣଙ୍କର ଖୁବ୍ ଭିଡ଼ ଏଠାରେ ଲାଗିଥାଏ।

✲ **ବେଙ୍ଗାଲୁରୁର ଜଗନ୍ନାଥ ମନ୍ଦିର:** ବେଙ୍ଗାଲୁରୁର ସରଜାପୁରାଠାରେ ବି ଏକ ଜଗନ୍ନାଥ ମନ୍ଦିର ରହିଛି ; ଯାହାର ମୁଖ୍ୟ ପର୍ବ ହେଉଛି ରଥଯାତ୍ରା। ଉକ୍ତ ମନ୍ଦିରଟିର ରକ୍ଷଣାବେକ୍ଷଣର ଭାର ବର୍ତ୍ତମାନ ବେଙ୍ଗାଲୁରୁର ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୁଝୁଛି। ଏଠାରେ ମହାପ୍ରଭୁଙ୍କର ପୂଜାବିଧି ଅବିକଳ ପୁରୀ ବଡ଼ ମନ୍ଦିର ପରି କରାଯାଇଥାଏ। ତା'ଛଡ଼ା ଏହି ମନ୍ଦିରରେ ପ୍ରଭୁ ନୃସିଂହନାଥଙ୍କର ଏକ ଫଟୋ ମଧ ଥିବାର ଦେଖିବାକୁ ମିଳିଥାଏ।



# ଆଇଟି ଚାକିରି ଛାଡି ବିକୁଛନ୍ତି ଗଧ କ୍ଷୀର



ଅନେକେ ଭାବୁଥିବେ ଗଧ ନାମକ ପ୍ରାଣୀଟି କୌଣସି କାମକୁ ନୁହେଁ। ଭାର ଉଠାଇବା ଛଡା ଏହା ଅନ୍ୟ କୌଣସି କାମରେ ଆସୁ ନ ଥିବ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ କର୍ନାଟକ ମାଙ୍ଗାଲୁରୁର ଶ୍ରୀନିବାସ ଗୌଡା ନାମକ ଜଣେ ସଫ୍ଟୱେର ଇଞ୍ଜିନିୟର ମୋଟା ଦରମାଯୁକ୍ତ ଚାକିରି ଛାଡି ଆରମ୍ଭ କରିଛନ୍ତି ଡଙ୍କି ମିଲ୍କ ଫାର୍ମ। ଏଥିରେ ସେ ୪୨ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ତାଙ୍କ ଫାର୍ମରେ ଏବେ ୨୦ଟି ଗଧ ଅଛି। ଏହାକୁ ଭାରତ ଓ କର୍ନାଟକର ପ୍ରଥମ ଗଧ ପାଳନ ପ୍ରଶିକ୍ଷଣ କେନ୍ଦ୍ର ବୋଲି କୁହାଯାଉଛି। ଶ୍ରୀନିବାସ କହନ୍ତି, 'ଗଧ କ୍ଷୀରର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। କାରଣ ଏହା ସ୍ୱାଦିଷ୍ଟ, ଔଷଧୀୟ ଗୁଣରେ ଭରପୁର। ହେଲେ ଏହା ବହୁତ ମହଙ୍ଗା। ମୁଁ ଚାହେଁ ସମସ୍ତେ ଗଧ କ୍ଷୀର ସୁଲଭ ମୂଲ୍ୟରେ ପାଆନ୍ତୁ। ତେଣୁ ପ୍ୟାକେଟ୍ କରି କ୍ଷୀର ବିକ୍ରି କରିବାର ଯୋଜନା ରଖିଛି। ତା'ଛଡା ବ୍ୟୁଟି ପ୍ରଡକ୍ଟ ପାଇଁ ମଧ୍ୟ ଗଧ କ୍ଷୀର ବିକ୍ରି କରିବାକୁ ଯୋଜନା ରଖିଛି।' ବ୍ୟବସାୟ ଆରମ୍ଭରୁ ହିଁ ଶ୍ରୀନିବାସଙ୍କୁ ୧୭ ଲକ୍ଷ ଟଙ୍କାର ଅର୍ଡର ମିଳି ସାରିଛି। ଜୁନ୍ ୮ ତାରିଖରେ ସେ ବ୍ୟବସାୟ ଆରମ୍ଭ କରିଥିଲେ। ତେବେ ସେ ଯେତେବେଳେ ପ୍ରଥମେ ପରିବାର ଓ ସାଙ୍ଗସାଥୀଙ୍କୁ ଗଧ ଫାର୍ମ କରିବା କଥା ଜଣାଇଥିଲେ ସମସ୍ତେ ତାଙ୍କୁ ପରିହାସ କରିଥିଲେ। ଏବେ କିନ୍ତୁ ତାଙ୍କ ସଫଳତା ଦେଖି ସମସ୍ତେ ପ୍ରଶଂସା କରୁଛନ୍ତି।





## ପାଦରେ କରିଲେ ପ୍ରିୟ ସ୍ନିକର୍ସର ଟାଟୁ



ଜିମ୍ ପାଇଁ ନୂଆ ନୂଆ ସ୍ନିକର୍ସ ବାରମ୍ବାର କିଣି ଥୁକେ, ମଞ୍ଚେଷ୍ଟରର ଜଣେ ବ୍ୟକ୍ତି ବିରକ୍ତ ହୋଇ ଯାଇଥିଲେ। ଶେଷରେ ସେ ଏକ ଅଜବ ନିଷ୍ପତ୍ତି ନେଲେ। ଆଉ ନିଜର ସବୁଠୁ ପ୍ରିୟ ସ୍ନିକର୍ସର ଟାଟୁ ପାଦରେ କରାଇଲେ। ଏହି ଟାଟୁ ଡିନ୍ ଗୁନ୍ଥର ନାମକ ଟାଟୁ ଆର୍ଟିଷ୍ଟ କରିଛନ୍ତି। ଟାଟୁ ସତସତିକା ଲାଗିବା ପାଇଁ ସେ ବହୁତ ଚେଷ୍ଟା କରିଥିଲେ। ଆଉ ୮ ଘଣ୍ଟା ପରିଶ୍ରମ କରି ଥ୍ରୀଡି ସ୍ନିକର ଟାଟୁ ପାଦରେ କରିଲେ। ସେ ଏହାକୁ ଏମିତି ତିଆରି କରିଛନ୍ତି ଯେ, ବ୍ୟକ୍ତିଜଣକ ଖାଲି ପାଦରେ ଥିଲେ ବି ସ୍ନିକର୍ସ ପିନ୍ଧିଥିବା ପରି ଦେଖାଯିବ। ଏହି ଟାଟୁକୁ ସମସ୍ତେ ବହୁତ ପସନ୍ଦ କରୁଛନ୍ତି।

## କାର୍ଟୁନ କର୍ନର





## ଚିନ୍ମୟ ଚିନ୍ତନ

– ଶ୍ରୀସନ୍ନ୍ୟାସୀ ଜୀ

# ଉଚ୍ଚ ବିଚାର କିନ୍ତୁ କାର୍ଯ୍ୟ ଶୂନ

କଠଉ ପିନ୍ଧିବାକୁ ଭଲ ପାଉଥିବା ଏବଂ ସମୟ ଓ ପରିସ୍ଥିତି ପାଇଲେ ଦିନରେ କିଛି ସମୟ କଠଉକୁ ଉପଯୋଗ କରୁଥିବା ଜଣେ ଶିକ୍ଷିତ ଆଧ୍ୟାତ୍ମିକ ବ୍ୟକ୍ତିଙ୍କୁ ସେଦିନ ଜଣେ ସାମ୍ବାଦିକ ବନ୍ଧୁ କହିଲେ– ଆପଣ କଠଉ ପିନ୍ଧି ପାପ ଅର୍ଜନ କରୁଛନ୍ତି।

ଏ କଥା ଶୁଣି ବ୍ୟକ୍ତି ଜଣକ ଆଶ୍ଚର୍ଯ୍ୟ ପ୍ରକଟ କଲେ । ଏହାର କାରଣ ଜାଣିବାକୁ ଜିଜ୍ଞାସା କରିବାରୁ ସାମ୍ବାଦିକ ଜଣକ କହିଲେ – ଯେଉଁ ପାଦରେ କଠଉ ଲାଗିଲା ସେ ପାଦରେ ଅନ୍ୟ କୌଣସି ଜୋତା ବା ଚପଲ ପିନ୍ଧିବା ଅନୁଚିତ । ଆପଣ ତ ଗୋଟିଏ କଲେଜର ପ୍ରିନ୍ସିପାଲ । ଅଫିସକୁ ଯିବା ବେଳେ ଆପଣ ତ ନିଶ୍ଚେ ଜୋତା ପିନ୍ଧୁଥିବେ । ତେଣୁ ଏଇଠି ପାପ ଅର୍ଜନ ହେଲା ବୋଲି ଜାଣ ।

କଠଉ ପିନ୍ଧିଲେ ଶରୀର ପ୍ରତି ବହୁ ଉପକାର ମିଳେ । ବିଶେଷକରି ସ୍ନାୟୁଗତ ରୋଗ ହେବା ସମ୍ଭାବନା ଖୁବ୍ କମ । କଠଉ ଉପରେ ପାଦଟି କଠଉର ପୃଷ୍ଠ ତଳ ସହ ସମାନ୍ତରାଳ ଭାବେ ରହୁଥିବାରୁ ଏହା ଅନେକ ରୋଗ ନିବାରଣରେ ସାହାଯ୍ୟ କରେ । ଏହାର ପ୍ରାମାଣିକତା ଏବଂ ବୈଜ୍ଞାନିକତାକୁ ଜାଣିଥିବାରୁ ସାଧୁ ସନ୍ଥମାନେ ଆଗେ କଠଉର ବହୁଳ ବ୍ୟବହାର କରୁଥିଲେ । ଏବେ ଖୁବ୍ କମ୍ ସାଧୁସନ୍ଥ ଏହାକୁ ବ୍ୟବହାର କରୁଛନ୍ତି । କଠଉ ଅପେକ୍ଷା ଏବେ କପଡ଼ାରେ ତିଆରି ଜୋତାକୁ ଅନେକେ ପସନ୍ଦ କରୁଥିବା ଦେଖାଯାଉଛି । କିନ୍ତୁ ଜୋତା ପିନ୍ଧୁଥିବା ବ୍ୟକ୍ତି ଯେ କଠଉ ପିନ୍ଧିପାରିବ ନାହିଁ କିମ୍ବା କଠଉ ପିନ୍ଧୁଥିବା ଲୋକଟି ଜୋତା ବ୍ୟବହାର କରିଦେଲେ ଯେ ଗୋଟିଏ କ'ଣ ମହାପାପ ହୋଇଯିବ, ଏକଥା କାହିଁକି ଗ୍ରହଣଯୋଗ୍ୟ ମନେହୁଏନା । ଯଦି ବି ଏପରି କିଛି ବୈଧାନିକ ସତର୍କତା କୌଣସି ଶାସ୍ତ୍ରରେ ଥାଏ ତେବେ ଏହା ମୂଳରେ ଥିବା ପ୍ରକୃତ ତତ୍ତ୍ୱଟିକୁ ସାମ୍ବାଦିକ ବନ୍ଧୁ ବୁଝିବାକୁ ସମର୍ଥ ହୋଇପାରି ନାହାନ୍ତି ବୋଲି ଅନୁମାନ କରାଯାଇପାରେ । ଆପଣ କ'ଣ କଠଉକୁ ସବୁବେଳେ ବ୍ୟବହାର କରନ୍ତି ? ବୋଲି ବ୍ୟକ୍ତି ଜଣକ ଯେତେବେଳେ ସାମ୍ବାଦିକଙ୍କୁ ଓଲଟା ପଚାରିଲେ ସେ ଉତ୍ତର ଦେଲେ – ନା, ମୁଁ ବ୍ୟବହାର କରେନା । ଠାକୁରଘରେ ଦୁଇହଳ କଠଉ ରଖି କେବଳ ମୁଁ ପୂଜାକରେ ।

ଆରେ ବାବା, ଇୟେ ତ ଆହୁରି ମାରାତ୍ମକ କଥା । ଗୀତା, ଭାଗବତ ଆଦି ପବିତ୍ର ପୁସ୍ତକକୁ ଠାକୁରଘର ଗାଦି ଉପରେ ରଖି ପୂଜା କରିବା ଉଚିତ । କିନ୍ତୁ ଏତିକିରେ ଅଟକିଗଲେ କିଛି ଲାଭ ହେବନି । ସେଗୁଡ଼ିକୁ ପାଠକରି ଏବଂ ବୁଝି ସେଥିରୁ କିଛି କିଛି ନିଜ ଜୀବନରେ ପ୍ରୟୋଗ କରିବା ବି ଉଚିତ । ସେମିତି କଠଉ କଥା । ନିଜ ଗୁରୁଦେବ କି କୌଣସି ବ୍ରହ୍ମ ଲୀନ ସନ୍ଥଙ୍କର ପାଦୁକାକୁ ପ୍ରତିଦିନ ଭକ୍ତିରେ ପୂଜା କରିବାରେ କିଛି ଅସୁବିଧା ନାହିଁ, କିନ୍ତୁ ଅନ୍ୟ ହଳେ କଠଉ ତିଆରି କରି ତାହାକୁ ବ୍ୟବହାର କରି ସେଥିରୁ ସୁଫଳ ପାଇବା ପାଇଁ ତ ତୁମକୁ କିଏ ମନା କରିନି ? ତୁମେ ନିଜେ ଯଦି କଠଉ ବ୍ୟବହାର କରି ନ ପାରିଲ ତେବେ ଅନ୍ୟ ଜଣେ ଯିଏ ଯଦି ତାକୁ ବ୍ୟବହାର କରୁଛି ବା କରିବାର ଅଭ୍ୟାସ କରୁଛି ତେବେ ତାଙ୍କୁ ବିଭିନ୍ନ ମନଗଢ଼ା ଶାସ୍ତ୍ରନୀତି କଥା କହି ହତୋତ୍ସାହିତ କରିବାଟା ଯେ ଗୁରୁତର ଅପରାଧ, ଏହାକୁ ବି ମନେରଖିବା ଉଚିତ । ଏ ପ୍ରକାର କଥା କହୁଥିବା ଲୋକଟି ଯେ ନିଜ ଅଜାଣତରେ ନିଜର ସଂଗୁପ୍ତ ହୀନମନ୍ୟତା ବା ମାନସିକ ବିକୃତିକୁ ମୁଠା ମୁଠା କରି ବାହାରେ ବୁଣୁଛି, ଏହା ସେ ନିଜେ ଜାଣି ପାରେନା । କଠଉକୁ ସମ୍ପୂର୍ଣ୍ଣ ବ୍ୟବହାର ନ କରିବା ଅବା ଖଟୁଲିରେ ରଖି ପୂଜା କରିବା ଅପେକ୍ଷା କେତେବେଳେ କେମିତି ସୁବିଧା ସୁଯୋଗ ପାଇଲେ ତାକୁ ପିନ୍ଧି ସେଥିରୁ ମିଳୁଥିବା ସାମୟିକ ସୁଫଳକୁ ହାତେଇବା ନିଶ୍ଚିତ ଭାବେ ଯେ ମହାନ୍ କଥା, ଏ ତତ୍ତ୍ୱକୁ ମାନସିକ ବିକାରଗ୍ରସ୍ତ ଏ ଲୋକଗୁଡ଼ିକ କେମିତି ବୁଝିବେ କେଜାଣି ? ଭରତଙ୍କ 'ପାଦୁକା ପୂଜା 'ପ୍ରସଙ୍ଗରୁ ରାମ ଆଦି ଚାରି ଭାଇ କଠଉ ପିନ୍ଧୁ ଥିବାର ପ୍ରମାଣ ମିଳେ । କିନ୍ତୁ କେତେବେଳେ କେମିତି ଯୁଦ୍ଧ କ୍ଷେତ୍ରରେ ଯୋଦ୍ଧା ଭାବେ ଅବତୀର୍ଣ୍ଣ ହେଉଥିଲେ ସେତେବେଳେ ସେମାନେ ଯେ କଠଉ ପିନ୍ଧୁଥିବେ ଏହା କଦାପି କୁହାଯାଇ ନ ପାରେ ।



ପରିସ୍ଥିତିକୁ ଦେଖି ଶାସ୍ତ୍ର ନିୟମର ଦ୍ୱାହିଦେଇ ଏମିତି ମନଗଢ଼ା କଥା କହୁଥିବା ଲୋକମାନଙ୍କ ସଂଖ୍ୟା ସମାଜରେ କିଛି କମ୍ ନୁହେଁ । ନିଜର ସାଧନା ଘର ଶୂନ ଅବା ସାଧନା କରୁଥିଲେ ବି ସ୍ୱଭାବଗତ ଆଚରଣର ଶୂନ୍ୟତା ଥିବା ବହୁ ଲୋକ ସମାଜର ସବୁ ସମୟରେ ଥାଆନ୍ତି । ଖଟ ଉପରେ ବସି ଜପ କରୁଥିବା ଜଣେ ଲୋକଟିକୁ ଦେଖି ଜିଭ କାମୁଡି ଆଉ ଜଣେ ବୟସ୍କ ଲୋକ କହିଲା – ଭାଇ ! ପୁଣି ଖଟ ଉପରେ... ! ଖଟ ଉପରେ ବସି କ'ଣ ଜପ କରନ୍ତି ? ମହାପାପ... ମହାପାପ.. । ଏକଥା ଶୁଣି ଜପ କରୁଥିବା ଲୋକଟି କହିଲା, ତେବେ ଆପଣ କାହା ଉପରେ ବସି ଜପ କରନ୍ତି ? ବୟସ୍କ ବ୍ୟକ୍ତିଟି କହିଲା –ମୁଁ ଜପ ଫପ କରେନା । ସେଗୁଡ଼ିକୁ କରିବା ପାଇଁ ମୋ ପାଖରେ ସମୟ କାହିଁ ?

ରାମାୟଣରେ ଗୋଟିଏ କାଣ୍ଡ ଅଛି । ତା' ନାଁ ହେଉଛି 'ସୁନ୍ଦରାକାଣ୍ଡ ' । ଏହାର ନାଁ ସୁନ୍ଦରା କାଣ୍ଡ ହେବାର ଯଥାର୍ଥତା ହେଉଛି ଏଥିରେ ଗୋଟିଏ ଭକ୍ତଙ୍କର କଥା ଆଲୋଚନା ହୋଇଛି । ସେ ଭକ୍ତ ଜଣକ ହେଉଛନ୍ତି ହନୁମାନ । ଦ୍ୱିତୀୟ କଥା ହେଉଛି ଏଇ 'ସୁନ୍ଦରାକାଣ୍ଡ' କୁ ଘରେ ପାରାୟଣ କଲେ ଘର ପରିବେଶ ସୁନ୍ଦର ହୁଏ । ପରିବାରର ସବୁ ସଦସ୍ୟ ମନ ମିଳାଇ ଚଳନ୍ତି । ପ୍ରତି ମଙ୍ଗଳ କିମ୍ବା ଶନିବାରରେ ଘରେ ଭକ୍ତିପୂର୍ବକ ପାଠକରି ଏହାର ମାହାତ୍ମ୍ୟକୁ ଅନୁଭବ କରାଯାଇପାରେ । ଏହାର ପୂର୍ବ କାଣ୍ଡ ଏବଂ ପର କାଣ୍ଡର ନାଁ ହେଉଛି ଯଥାକ୍ରମେ କିଷ୍କିନ୍ଧାକାଣ୍ଡ ଏବଂ ଲଙ୍କାକାଣ୍ଡ ।

ବିଚାର ଏବଂ କାର୍ଯ୍ୟ – ଏହା ହେଉଛି ସଫଳତାର ଦୁଇ ଚାବି । ବିନା ବିଚାରରେ ପ୍ରତ୍ୟେକଟି କାର୍ଯ୍ୟ ନିଷ୍ଫଳ । କେବଳ ବିଚାର କରି ଚାଲୁଥିବ କିନ୍ତୁ କାର୍ଯ୍ୟ କରିବନି, ତେବେ କେବେ ବି ସଫଳତା ମିଳିବନି ।

କିଷ୍କିନ୍ଧାକାଣ୍ଡରେ ବିଚାର ଅଛି କିନ୍ତୁ କାର୍ଯ୍ୟ ନାହିଁ । ଋଷ୍ୟମୁକ ପର୍ବତ ଉପରେ ନିଜ ଅନୁଚରଙ୍କ ସହ ସୁଗ୍ରୀବ ବସିଥିବା ବେଳେ ରାବଣ ଆକାଶ ମାର୍ଗରେ ସୀତାଙ୍କୁ ଅପହରଣ କରିନେଇ ଯାଉଥିଲା । ସୁଗ୍ରୀବ ଦେଖିଲେ । ବହୁ ବିଚାର କଲେ କିନ୍ତୁ କିଛି କରିପାରିଲେ ନାହିଁ । ସେଇ ଦୃଶ୍ୟକୁ ଦେଖିଲା ଗୋଟିଏ ଶାଗୁଣା ପକ୍ଷୀ । ଜଟାୟୁ । ସେ କିନ୍ତୁ ଛାତି ପାତି ଦେଲା । ପର୍ବତ ପରି ଉଚ୍ଚ ଆସନରେ ସୁଗ୍ରୀବ ପରି ବସିଥିବା ବହୁ ସମ୍ମାନାସ୍ପଦ ବ୍ୟକ୍ତି ଆମ ସମାଜରେ ଅଛନ୍ତି । ସମାଜର ଉନ୍ନତି ପାଇଁ ସେମାନେ ବହୁ ବିଚାର ଆଲୋଚନା କରନ୍ତି । ବହୁତ ଯୋଜନା କରନ୍ତି କିନ୍ତୁ କାର୍ଯ୍ୟ ଘରଟି ଶୂନ ଥିବାରୁ ସେମାନଙ୍କ ଯାବତୀୟ ବିଚାର, ଅନ୍ୟକୁ ଉପଦେଶ ଆଦି ନିଷ୍ଫଳ ପ୍ରମାଣିତ ହୁଏ ।

ଲଙ୍କାକାଣ୍ଡରେ କାର୍ଯ୍ୟ ଅଛି କିନ୍ତୁ ବିଚାର ନାହିଁ । କିଷ୍କିନ୍ଧାକାଣ୍ଡର ଠିକ୍ ଓଲଟା । ରାବଣର ଦରବାରରେ ଖବର ପହଞ୍ଚିଗଲା ଯେ ବାନର ସେନା ସେତୁବନ୍ଧ ବାନ୍ଧି ସାରିଲେଣି । ଖବର ଶୁଣି ଉପସ୍ଥିତ ସଭିଏଁ ହାଃ ହାଃ ହୋଇ ହସିଲେ । କହିଲେ, ଭାଲୁ ଓ ମର୍କଟ ତ ଆମର ଆହାର । ଗୋଟି ଗୋଟି କରି ଖାଇଦେବା । ଏହା ଶୁଣି ରାବଣର ଅନ୍ୟ ଏକ ପୁତ୍ର ପ୍ରହସ୍ତ କହିଲା – ତନ୍ମଧ୍ୟରୁ ଗୋଟିଏ ମାଙ୍କଡ଼ ପରା ପୂର୍ବରୁ ଆସି ଲଙ୍କା ଜାଳି ଦେଇ ଯାଇଛି । ସେତେବେଳେ ତାକୁ ତୁମେ ଖାଇ ଦେଲନି ? ସେତେବେଳେ ତୁମ ସମସ୍ତଙ୍କର ପେଟରେ ଗ୍ୟାସ୍ ବା ବଦହଜମୀ ହୋଇଥିଲା ବୋଧେ ? ?

ବିଚାର ଆଉ କାର୍ଯ୍ୟର ମଧୁର ସମନ୍ୱୟ ଘଟିଛି 'ସୁନ୍ଦରାକାଣ୍ଡ'ରେ । ସେଥିପାଇଁ କିଷ୍କିନ୍ଧାକାଣ୍ଡର ଠିକ୍ ପରେ ଏବଂ ଲଙ୍କାକାଣ୍ଡର ଠିକ୍ ପୂର୍ବରୁ ଗୋସ୍ୱାମିଜୀ 'ସୁନ୍ଦରାକାଣ୍ଡ'କୁ ସଂସ୍ଥାପନ କରି ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି ।

ବିଚାର ଏବଂ କାର୍ଯ୍ୟ ଭିତରେ ସମ୍ବନ୍ଧ ରହିଲେ ଜୀବନଟି ମଧୁର ହୁଏ । ବିଚାର ଅନୁସାରେ କାର୍ଯ୍ୟ ଏବଂ କାର୍ଯ୍ୟଟି ବିଚାରର ପୃଷ୍ଠଭୂମି ଉପରେ ରହିଲେ, ସଫଳତା ନାମକ ଚିଜଟି ଯେ ସହଜ ଲଭ୍ୟ ହୋଇପାରେ, ଏକଥା ପ୍ରତ୍ୟେକ ମଣିଷ ବୁଝିବା ଉଚିତ ।

*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*

*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ବଞ୍ଚିଥାଆରେ ପୁଅ ମୋର

**ମାନସୀ ଦାସ**

**ପ୍ରକାଶକ–ଏଥେନା ବୁକ୍ସ, ଭୁବନେଶ୍ୱର, ମୂଲ୍ୟ–୩୦୦ଟଙ୍କା**

ବଞ୍ଚିଥାଆରେ ପୁଅ ମୋର ମାନସୀ ଦାସଙ୍କ ପୁସ୍ତକ। ଏହାର କାହାଣୀଗୁଡ଼ିକରେ ସାହସର ସହିତ ତ୍ୟାଗ କରି କିପରି ବଞ୍ଚିବାକୁ ହୁଏ ତାହା ବର୍ଣ୍ଣନା କରାଯାଇଛି। ଏଥିରେ ୧୩ଟି ବିଷୟରେ ଆଲୋଚନା କରାଯାଇଛି। ପିନ୍ ୟାଥେ ଜଣେ ଇଞ୍ଜିନିୟର। ସେ କାମ୍ବୋଡିଆ ସରକାରଙ୍କ ଅଧୀନରେ ଉଚ୍ଚ ପଦବୀରେ ଚାକିରି କରିଥିଲେ। ୧୯୭୫ ଏପ୍ରିଲ ୧୭ରେ କାମ୍ବୋଡିଆ ସରକାରଙ୍କ ହାତରୁ କ୍ଷମତା କାଢି ନେଇ ଖମେର୍ ରୁଜ୍ରମାନେ ପୋଲ ପଟଙ୍କର ନେତୃତ୍ୱରେ ଶାସନ କ୍ଷମତା ଅଧିକାର କଲେ। ଏହା କାମ୍ବୋଡିଆର ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତଙ୍କର ନିର୍ଯାତିତ ଜୀବନର ରକ୍ତାକ୍ତ ଆଲେଖ୍ୟ। 'Stay Alive My Son'ଇଂରାଜୀ ପୁସ୍ତକକୁ ମାନସୀ ଚମତ୍କାରଭାବେ ଓଡ଼ିଆରେ ଅନୁବାଦ କରି କାହାଣୀଗୁଡ଼ିକୁ ବୁଝାଇଛନ୍ତି। ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି।




### ମୃଗତୃଷ୍ଣା

**ଲେଖକ–କାଳିନ୍ଦୀ ଚରଣ ଭଞ୍ଜ**

**ପ୍ରକାଶକ–କାଳିନ୍ଦୀ ଚରଣ ଭଞ୍ଜ, ମୂଲ୍ୟ –୧୪୦ଟଙ୍କା**

ମୃଗତୃଷ୍ଣା କାଳିନ୍ଦୀ ଚରଣ ଭଞ୍ଜଙ୍କ ଗଳ୍ପ ସଂକଳନ। ଏଥିରେ ୨୫ଟି ଗପ ସ୍ଥାନ ପାଇଛି। ପୁସ୍ତକର ଦ୍ୱିତୀୟ ଗଳ୍ପର ନାମ ହେଉଛି ମୃଗତୃଷ୍ଣା। ଗପଗୁଡ଼ିକରେ ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶ, ଦୁର୍ନୀତି, ଅନୀତି, ପ୍ରେମ, ପ୍ରତାରଣା, ନାରୀ ନିର୍ଯାତନା, ବିଶ୍ୱାସଘାତକତା ଆଦି ବିଷୟ ମୁଖ୍ୟ ଭାବେ ଗ୍ରହଣ କରାଯାଇଛି। ମଣିଷ ଦୁଃଖ ଦୁର୍ଦ୍ଦଶା ଓ ହତାଶାରେ କିପରି ଅତିଷ୍ଠ ହେଉଛି ତାର ନିଚ୍ଛକ ଚିତ୍ର ଗପଗୁଡ଼ିକରେ ସ୍ଥାନ ପାଇଛି। ସମସ୍ୟାର ସମାଧାନ ଓ ସୂକ୍ଷ୍ମ ଦୃଷ୍ଟିରେ ଏହା କିଭଳି ଜଣେ ସମାଧାନ କରି ପାରିବ ସେ ବିଷୟରେ ଚମତ୍କାର ଭାବେ ବର୍ଣ୍ଣନ କରାଯାଇଛି। ଏକ ସୁସ୍ଥ ଓ ଶୋଷଣମୁକ୍ତ ସମାଜ ଗଠନ କରାଯିବା ସହ କିଭଳି ସୁଖ ଓ ଶାନ୍ତି ବଜାୟ ରହିବ ସେ ବିଷୟରେ ଲେଖକ ସଚେତନ କରିଛନ୍ତି। ଆଶା ପୁସ୍ତକଟି ପାଠକୀୟତା ଲାଭ କରିବ ।




### ଟୁ ନଭେଲସ୍
### ରେଡ୍ ଲୋଟସ୍ ଅଫ୍ ବ୍ଲୁ ଲେକ୍ ଆଣ୍ଡ ଯୋଗୀ ଗୋବିନ୍ଦଚନ୍ଦ୍ର


**ଲେଖକ–ହରିହର ମିଶ୍ର**

**ଇଂଲିଶ ଅନୁବାଦ–ନରସିଂହ ଚରଣ ଦାସ**

**ପ୍ରକାଶକ–ରାଜଲକ୍ଷ୍ମୀ ସୁରବାଣୀ ପବ୍ଲିକେଶନ୍, ପୁରୀ**

**ମୂଲ୍ୟ–୩୦୦ଟଙ୍କା**

ନୀଳ ହ୍ରଦର ରକ୍ତ କମଳ ଓ ଯୋଗୀ ଗୋବିନ୍ଦଚନ୍ଦ୍ର ପୁସ୍ତକର ଲେଖକ ବିଶିଷ୍ଟ କବି ହରିହର ମିଶ୍ର। ଏହାର ଇଂଲିଶ ଭାଷାନ୍ତର କରିଛନ୍ତି ନରସିଂହ ଚରଣ ଦାସ। ନୀଳ ହ୍ରଦର ରକ୍ତ କମଳ ଉପନ୍ୟାସରେ ସ୍ୱପ୍ନ ଶେଖର ଦାସ ନାମକ ଜଣେ ଚିତ୍ରକର କିଭଳି କୋରାପୁଟର 'କଳା' ବୋଲି ଜଣେ ଆଦିବାସୀ ଝିଅ ପ୍ରେମରେ ପଡିଛନ୍ତି ତାହା ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଆଶା ପୁସ୍ତକଟି ପାଠକୀୟତା ଲାଭ କରିବ।



# ୩୦ ବର୍ଷ ଯାଏ ମହିଳା ରହିଲେ ପୁରୁଷ ବେଶରେ

ମା' ନିଜ ସନ୍ତାନକୁ ସୁରକ୍ଷା ଦେବା, ତା'ର ଉପଯୁକ୍ତ ଲାଳନ ପାଳନ କରିବା ପାଇଁ କିଛି ବି କରିପାରେ। ନାନା କଷ୍ଟ ସହିପାରେ। ଅନେକ ସମୟରେ ସେ ଉଭୟ ମା' ଓ ବାପାର ଭୂମିକା ବି ତୁଲାଇଥାଏ। ତାମିଲନାଡୁ, ଥୁଥୁକୁଡି ଜିଲାସ୍ଥ କଟ୍ଟନାୟକନ



ପଟ୍ଟିର 'ପେଚିୟାମଲ୍ଲ' ହେଉଛନ୍ତି ସେମିତି ଜଣେ ମା' ଯେ କି ଏବେ ଚର୍ଚ୍ଚାରେ ଅଛନ୍ତି। ପେଚିୟାମଲ୍ଲ ସ୍ୱାମୀଙ୍କୁ ହରାଇବା ପରେ ବାପ ଛେଉଣ୍ଡ ଝିଅକୁ ସମାଜର କୁଦୃଷ୍ଟିରୁ ରକ୍ଷା କରିବା ଲାଗି ପୁରୁଷ ବେଶ ଧାରଣ କରି ମା'ରୁ ବାପା ପାଲଟିଥିଲେ। ତା'ସହ ସମାଜରେ ସ୍ୱାମୀ ନ ଥିବା ସ୍ତ୍ରୀ ଉପରେ ବି ସମସ୍ତେ ଖରାପ ନଜର ପକାନ୍ତି। ତେଣୁ ଏସବୁରୁ ନିଜକୁ ରକ୍ଷା ପାଇବା ଲାଗି ସେ ନିଜର ଲମ୍ବା କେଶକୁ କାଟି ପୁରୁଷଙ୍କ ପରି ଛୋଟ ଛୋଟ କରିଥିଲେ। ନାରୀ ସବୁବେଳେ ସଜେଇ ହୋଇ ରହିବାକୁ ପସନ୍ଦ କରେ। ହେଲେ ସେଇ ସଜବାଜକୁ ସେ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କଲେ। ଶାଢି ନ ପିନ୍ଧି ପୁରୁଷଙ୍କ ପରି ଲୁଙ୍ଗି, ସାର୍ଟ ପିନ୍ଧିଲେ। କେହି ସନ୍ଦେହ ନ କରିବା ପାଇଁ ପୁରୁଷଙ୍କ ସହ ମିଶି କାମ କରୁଥିଲେ, ବସ୍‌ରେ ପୁରୁଷଙ୍କ ସିଟ୍‌ରେ ବସୁଥିଲେ ଓ ପୁରୁଷଙ୍କ ଟୟଲେଟ୍ ବି ବ୍ୟବହାର କରୁଥିଲେ। ଏହିଭଳି ଦୀର୍ଘ ୩୦ ବର୍ଷ ସେ ରହିଲେ। ନିକଟରେ ତାଙ୍କ ଝିଅର ବାହାଘର ହୋଇଛି। ସ୍ୱାମୀ ନିକଟରେ ଝିଅ ସୁରକ୍ଷିତ ଥିବା ଜାଣିବା ପରେ ଯାଇ ପେଚିୟାମଲ୍ଲ ସମସ୍ତଙ୍କୁ ନିଜର ଗୋପନ ପରିଚୟ ଜଣାଇଛନ୍ତି। ଆଉ ଖୋଲି କହିଛନ୍ତି ଯେ, ସେ ପ୍ରକୃତରେ ଜଣେ ପୁରୁଷ ନୁହନ୍ତି ବରଂ ଜଣେ ମହିଳା। ୨୦ ବର୍ଷ ବୟସରେ ପେଚିୟାମଲ୍ଲ ବିବାହ କରିଥିଲେ। ହେଲେ ବିବାହର ମାତ୍ର ୧୫ ଦିନ ପରେ ସ୍ୱାମୀ ହୃଦ୍‌ଘାତରେ ମୃତ୍ୟୁବରଣ କଲେ। ଏହାର କିଛିଦିନ ପରେ ହିଁ ପେଚିୟାମଲ୍ଲ ଜାଣିଲେ ସେ ଗର୍ଭବତୀ ଅଛନ୍ତି। ଆଉ ୯ ମାସ ପରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଲେ। ଝିଅର ସୁରକ୍ଷା ପେଚିୟାମଲ୍ଲଙ୍କ ଉପରେ ନ୍ୟସ୍ତ ଥିଲା। ତେଣୁ ସେ ଏହି କଠୋର ନିଷ୍ପତ୍ତି ନେଲେ। ଆଉ ପୁରୁଷ ବେଶ ଧାରଣ କରି ଝିଅର ବାପା ସାଜିଲେ। ଯେମିତିକି କେହି ତାଙ୍କ ଝିଅକୁ ନଜର ଉଠେଇ ଚାହିଁବାକୁ ସାହସ କରିବେନି।

ବ୍ୟାକ୍ ପେଜ୍








# ବଡ଼ ପେନ୍

ବଲ୍ ପଏଣ୍ଟ ପେନ୍ ସମସ୍ତେ ବ୍ୟବହାର କରୁଥିବେ। ଆମ ସମସ୍ତଙ୍କ ଜୀବନରେ ଏହାର ଭୂମିକା ବହୁତ ଥାଏ। ତେବେ ଆମେ ଆଜି ଏପରି ଏକ ପେନ ସମ୍ପର୍କରେ କହିବୁ, ଯାହାକୁ ବ୍ୟବହାର କରିବା ବହୁତ କଷ୍ଟକର। କାରଣ ଏହା ଖୁବ୍ ବଡ଼ ଓ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ପୃଥିବୀର ସବୁଠାରୁ ବଡ ପେନ୍‌ର ମାନ୍ୟତା ପାଇଛି। ଉକ୍ତ ପେନ୍‌କୁ ତିଆରି କରିଛନ୍ତି ଭାରତର ଆଚାର୍ଯ୍ୟ ମକୁନୁରୀ ଶ୍ରୀନିବାସ। ଏହି ପେନ୍ ଏତେ ବଡ ଯେ ତାକୁ ଜଣେ ବ୍ୟକ୍ତି ଟେକି ଧରିକି ଲେଖି ପାରିବେ ନାହିଁ। ବରଂ ଏଥିପାଇଁ ୫-୬ ଜଣ ଲୋକ ଆବଶ୍ୟକ ହେବେ। ଉକ୍ତ ପେନ୍‌ର ଲମ୍ବ ୧୮ ଫୁଟ ୦.୫୩ ଇଞ୍ଚ, ଓଜନ ୩୭.୨୩ କି.ଗ୍ରା.। ଅନେକେ ଭାବୁଥିବେ ପେନ୍‌ଟି ଲେଖିବା ଯୋଗ୍ୟ ହୋଇ ନ ଥିବ। କିନ୍ତୁ ଏଥିରେ ଲେଖି ହେବ। ପେନ୍‌ର ମୁନରେ ଧାତୁର ଛୋଟିଆ ବଲ ଲାଗିଛି, ଯାହା ସାହାଯ୍ୟରେ କାଗଜରେ ଲେଖି ହୋଇଥାଏ। ଏହାକୁ ତିଆରି କରିବା ପାଇଁ ପ୍ରାୟ ୯ କି.ଗ୍ରା.ର ପିତଳ ବ୍ୟବହାର କରାଯାଇଛି। ଶ୍ରୀନିବାସ କୁହନ୍ତି, 'ଛୋଟବେଳୁ ହିଁ ମୋର ଅଜବ ପେନ୍ ତିଆରି କରିବାକୁ ଇଛା ଥିଲା। ଯାହାକୁ ଏବେ ପୂରଣ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିବାରୁ ବହୁତ ଖୁସି ଲାଗୁଛି।'

# ଦୁଇ ଫାଳିଆ ଜିଭରେ ଜାଣିପାରନ୍ତି ଦୁଇ ପ୍ରକାରର ସ୍ୱାଦ



ଆମେରିକା, କାଲିଫର୍ନିଆରେ ରହୁଥିବା ବ୍ରାଏନା ମେରୀ ଶିହାଦେହଙ୍କୁ ନିଜ ଶରୀରରେ ମୋଡିଫିକେଶନ୍ କରାଇବାକୁ ବହୁତ ଭଲ ଲାଗେ। ତେଣୁ ସେ ନିଜ ଶରୀରରେ ଅନେକ ସର୍ଜରୀ ସହ ପିୟର୍ସିଂ, ଟାଟୁ ଆଦି କରାଇଛନ୍ତି। ଆଉ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ବି କରିଛନ୍ତି। ସେ ସର୍ଜରୀ ମାଧ୍ୟମରେ ନିଜ ଜିଭକୁ ଦୁଇ ଫାଳ ବି କରିଛନ୍ତି। ଆଉ ଆଶ୍ଚର୍ଯ୍ୟଜନକଭାବେ ଏହି ଦୁଇ ଫାଳିଆ ଜିଭରେ ସେ ଏକାସାଙ୍ଗରେ ଦୁଇ ଭିନ୍ନ ପ୍ରକାରର ସ୍ୱାଦକୁ ବାରି ପାରୁଛନ୍ତି। ଦୁଇଟି ଗ୍ଲାସ୍‌ରେ ଦୁଇ ପ୍ରକାରର ପାନୀୟ ରଖି ଦୁଇଫାଳ ଜିଭକୁ ସେହି ଭିନ୍ନ ଭିନ୍ନ ଗ୍ଲାସ୍‌ରେ ବୁଡାଇ ଏକାସାଙ୍ଗରେ ଦୁଇଟି ସ୍ୱାଦ ନେଉଥିବାର ଭିଡିଓ ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଯାହାକୁ ଦେଖି ଲୋକେ ନାନା ପ୍ରକାରର କମେଣ୍ଟ କରୁଛନ୍ତି।